ଓଡ଼ିଶା ସରକାର

# ବଜେଟ୍

## ଭାଗ - ୨

## ୨୦୨୬-୨୭

# ସାଧାରଣ

ଶ୍ରୀ ମୋହନ ଚରଣ ମାଝୀ

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉପସ୍ଥାପିତ

୨୦ ଫେବୃଆରୀ, ୨୦୨୬

## ଭାଗ-II (ସାଧାରଣ ବଜେଟ୍)

**ମାନ୍ୟବର ବାଚସ୍ପତି ମହୋଦୟା,**

ଅନ୍ନଦାତାଙ୍କ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିବା ପରେ, ମୁଁ ଆମ ବିକଶିତ ଓଡ଼ିଶା ଭିଜନର ପ୍ରଥମ ସ୍ତମ୍ଭ ଅର୍ଥାତ୍ "ଗ୍ରାମୀଣ ସଶକ୍ତିକରଣ" ର ଅନ୍ୟାନ୍ୟ ଦିଗ ଉପରେ ଧ୍ୟାନ କେନ୍ଦ୍ରିତ କରିବି ।

2. ଏହା ଚିନ୍ତାର ବିଷୟ ଯେ ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ସଡ଼କ, ବିଜୁଳି ଏବଂ ପାଣି ଭଳି ମୌଳିକ ସୁବିଧା ରାଜ୍ୟର ଲୋକଙ୍କ ପାଖରେ ପହଞ୍ଚି ପାରିନାହିଁ । ଏହି ସମସ୍ୟାର ଦ୍ରୁତ ତଥା ସ୍ଥାୟୀ ସମାଧାନ ପାଇଁ ଏକ ସମୟବଦ୍ଧ କାର୍ଯ୍ୟାନ୍ୱୟନ ଢାଞ୍ଚା ସହିତ, ମୁଁ ଏହି **ତିନୋଟି ମୌଳିକ ସୁବିଧା ଯୋଗାଇବା ପାଇଁ ଏକ** ନୂତନ ପଦକ୍ଷେପ "ମିଶନ PoWaR" ର ପ୍ରସ୍ତାବ ଦେଉଛି । ଶକ୍ତି, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ଏକ ମିଶନମୋଡରେ ଲକ୍ଷ୍ୟ ହାସଲ କରିବା ପାଇଁ ମିଳିତ ଭାବରେ କାର୍ଯ୍ୟ କରିବେ ।

3. ଗ୍ରାମାଞ୍ଚଳର ଉନ୍ନତି ପାଇଁ ଉଦ୍ଦିଷ୍ଟ ପ୍ରକଳ୍ପ ଓ ଯୋଜନାଗୁଡିକ ପାଇଁ ମୁଁ **୪୪ ହଜାର ୩ ଶହ ୯ କୋଟି** ଟଙ୍କାର ବ୍ୟାପକ ନିବେଶ ଲାଗି ପ୍ରସ୍ତାବ ଦେଉଛି ଯାହାକି ବିଗତ ବର୍ଷ ତୁଳନାରେ ୧୩ ପ୍ରତିଶତ ଅଧିକ ଅଟେ । ଆମ ସରକାର ଫ୍ଲାଗସିପ ପ୍ରକଳ୍ପ **"ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା"** ଅଧୀନରେ ଅପହଞ୍ଚ ତଥା ସଂଯୋଗବିହୀନ ଜନବସତିଗୁଡିକୁ ସବୁଦିନିଆ ପକ୍କା ସଡକ ଯୋଗାଇ ଦେବା ଲାଗି ପ୍ରତିଶ୍ରୁତିବଦ୍ଧ । ଚାଲୁ ରହିଥିବା ପ୍ରକଳ୍ପ ତଥା ନୂତନ ସେତୁ ପ୍ରକଳ୍ପର ଆବଶ୍ୟକତା ପୂରଣ କରିବା ପାଇଁ ମୁଁ **"ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା"** ରେ **୩ ହଜାର ୪ ଶହ ୯୧ କୋଟି ଟଙ୍କା** ଏବଂ **ସେତୁ ବନ୍ଧନ ଯୋଜନାରେ ୨ ହଜାର ୫୦ କୋଟି** ଟଙ୍କା ବ୍ୟୟବରାଦର ପ୍ରସ୍ତାବ ଦେଉଛି ।

**4.** ମିଶନ PoWaR ଅଧୀନରେ "ସଡକ ସଂଯୋଗବିହୀନ ବସତିଗୁଡିକର ସଂଯୋଗୀକରଣ" ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ୧ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

**5.** ଏହି ପଦକ୍ଷେପଗୁଡ଼ିକର ପରିପୂରକ ଭାବେ ମୁଁ ୨୦୨୬-୨୭ ବଜେଟ ଆକଳନରେ PMGSY କାର୍ଯ୍ୟ ଲାଗି **୭ ଶହ ୫୦ କୋଟି** ଟଙ୍କା ଏବଂ PM-JANMAN କାର୍ଯ୍ୟ ଲାଗି ୧ ଶହ ୫୦ କୋଟି ଟଙ୍କା ବ୍ୟୟ ଅଟକଳର ପ୍ରସ୍ତାବ ରଖୁଛି । ଏହାବ୍ୟତୀତ, ଗ୍ରାମୀଣ ସଡ଼କଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ମୁଁ ଚଳିତ ବଜେଟରେ **୨ ହଜାର ୨ ଶହ କୋଟି** ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ରଖୁଛି ।

**6.** ରାଜ୍ୟର ସମସ୍ତ ରାଜସ୍ୱ ଗ୍ରାମଗୁଡ଼ିକୁ ବିଦ୍ୟୁତକରଣ କରାଯାଇଛି । ତଥାପି, କିଛି ପଡା ଗାଁକୁ ବିଦ୍ୟୁତକରଣ କରିବାର ଆବଶ୍ୟକତା ଅଛି । ଅଧିକନ୍ତୁ ସମସ୍ତଙ୍କୁ ବିଜୁଳି ଶକ୍ତି ଯୋଗାଇ ଦେବା ଏବଂ ଅପହଞ୍ଚ ଇଲାକାରେ ଭିତ୍ତିଭୂମିର ବିକାଶ ଲାଗି "**ବିଜୁ ଗ୍ରାମ ଜ୍ୟୋତି ଯୋଜନା**" ଅଧିନରେ ୩ ଶହ ୫୭ କୋଟି ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ରହଛି । ଭିତ୍ତିଭୂମିର ଅଭାବ ହେତୁ ଓଡ଼ିଶାରେ କୌଣସି ପରିବାର ଯେପରି ଅନ୍ଧକାରରେ ରାତ୍ରି ନ ବିତାଇବ ତାହା ସୁନିଶ୍ଚିତ କରିବାକୁ ଆମେ ପ୍ରତିବଦ୍ଧ ।

**7.** ଆମର ଫ୍ଲାଗସିପ୍ ପଦକ୍ଷେପ, **ବିକଶିତ ଗାଁ ବିକଶିତ ଓଡ଼ିଶା** ଗ୍ରାମୀଣ ସଡ଼କ ଭିତ୍ତିଭୂମିର ବିକାଶ, ନାଗରିକମାନଙ୍କ ଲାଗି ବିଭିନ୍ନ ସମ୍ପତ୍ତି ଏବଂ ସୁବିଧାର ବିକାଶ, କ୍ରୀଡ଼ା ଏବଂ ଶିକ୍ଷା ପାଇଁ ଭିତ୍ତିଭୂମିର ଉନ୍ନତି ଏବଂ କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀଗୁଡ଼ିକର ବିକାଶ ଭଳି ସ୍ଥାୟୀ ବିକାଶ ପ୍ରକଳ୍ପଗୁଡିକୁ ହାତକୁ ନେଇ ଗ୍ରାମୀଣ ଓଡ଼ିଶାରେ ଥିବା ଅସୁବିଧାଗୁଡିକୁ ଦୂର କରିବ । ଏହା ତ୍ୱରିତ ଏବଂ ସମାବେଶୀ ଅଭିବୃଦ୍ଧି ହାସଲରେ

ସାହାଯ୍ୟ କରିବ । ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଏଥିନିମନ୍ତେ **୨ ହଜାର କୋଟି** ଟଙ୍କା ବ୍ୟୟବରାଦର ପ୍ରସ୍ତାବ ରହିଛି ।

**ମାନ୍ୟବର ବାଚସ୍ପତି ମହୋଦୟା,**

**8.** ଭାରତ ସରକାର **ବିକଶିତ ଭାରତ – ରୋଜଗାର ପାଇଁ ଗ୍ୟାରେଣ୍ଟି ଏବଂ ଆଜୀବିକା ମିଶନ (ଗ୍ରାମୀଣ) ଅଧିନିୟମ, ୨୦୨୫** ପ୍ରଣୟନ କରିଛନ୍ତି । ଏହି ଅଧିନିୟମ ଅନୁସାରେ ଭିବି ଜି-ରାମ-ଜି ଯୋଜନା କାର୍ଯ୍ୟକାରୀ ହେବ । ଏହା ବିକଶିତ ଭାରତ ୨୦୪୭ର ଦୀର୍ଘକାଳୀନ ଲକ୍ଷ୍ୟ ସହିତ ଗ୍ରାମୀଣ ନିଯୁକ୍ତିକୁ ସମନ୍ୱିତ କରି MGNREGAର ବୈଧାନିକ ନବୀକରଣ, ଗ୍ରାମାଞ୍ଚଳରେ ଉତ୍ତରଦାୟିତ୍ୱ, ଭିତ୍ତିଭୂମିର ବିକାଶ ଏବଂ ରୋଜଗାରକୁ ସୁନିଶ୍ଚିତ କରିବ । କେନ୍ଦ୍ରୀୟ ବଜେଟ୍, ୨୦୨୬-୨୭ରେ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଭିବି ଜି-ରାମ-ଜି **"ବିକଶିତ ଭାରତ - ରୋଜଗାର ପାଇଁ ଗ୍ୟାରେଣ୍ଟି ଏବଂ ଆଜୀବିକା ମିଶନ (ଗ୍ରାମୀଣ)"** ପାଇଁ ୯୫ ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟ ବରାଦ କରାଯାଇଛି । ତେଣୁ, ମୁଁ ଗ୍ରାମୀଣ ପରିବାରଙ୍କ ଆୟକୁ ସୁଦୃଢ଼ କରିବା ଲାଗି ୧୨୫ ଦିନର ରୋଜଗାରର ଗ୍ୟାରେଣ୍ଟି ପ୍ରଦାନ କରିବା ଲାଗି **"ବିକଶିତ ଭାରତ - ରୋଜଗାର ପାଇଁ ଗ୍ୟାରେଣ୍ଟି ଏବଂ ଆଜୀବିକା ମିଶନ (ଗ୍ରାମୀଣ)"** ଭିବି ଜି-ରାମ-ଜି ଯୋଜନା ଅଧିନରେ **୫ ହଜାର ୫ ଶହ ୭୫ କୋଟି** ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ଦେଉଛି ।

**9.** ଏହା ବ୍ୟତୀତ, ମୁଁ "ଭିବି ଜି-ରାମ-ଜି" ଯୋଜନାର ସମସ୍ତ ଔପଚାରିକତା ଚୂଡ଼ାନ୍ତ ନହେବା ପର୍ଯ୍ୟନ୍ତ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGS) ଅଧୀନରେ ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ଲାଗି **୧ ହଜାର ୫ ଶହ କୋଟି** ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ଦେଉଛି । ଆହୁରି ମଧ୍ୟ, ୯ଟି ଜିଲ୍ଲାର ୩୦ଟି ସ୍ଥାନାନ୍ତରଣ-ପ୍ରବଣ ବ୍ଲକରେ Distress Migrationକୁ ରୋକିବା ପାଇଁ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ

"MGNREGSକୁ ଅତିରିକ୍ତ ରାଜ୍ୟ ସହାୟତା" ଅଧୀନରେ ୪ ଶହ କୋଟି ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ରହିଛି ।

**10.** ଦୁର୍ଦ୍ଦଶାଜନିତ ସ୍ଥାନାନ୍ତରଣ (Distress Migration)ର ମୂଳ କାରଣଗୁଡ଼ିକର ସ୍ଥାୟୀ ଭାବେ ସମାଧାନ ପାଇଁ **ଡାଲଖାଇ** (DALKHAI) "Dignified Access to Livelihood, Knowledge, Health and Allied Infrastructure" ନାମକ ଏକ ନୂତନ ପ୍ରୟାସ ଆରମ୍ଭ କରିବାକୁ ପ୍ରସ୍ତାବ ରହିଛି। ଏହି ପ୍ରୟାସ ମାଧ୍ୟମରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରି ସ୍ଥାୟୀ ଓ ସୁରକ୍ଷିତ ଜୀବିକା ସୃଷ୍ଟି କରାଯିବ ।

11. **ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ (MMJJM)**ର ଦ୍ୱିତୀୟ ପର୍ଯ୍ୟାୟ ଭାବେ ୨୦୨୬-୨୭ ଆର୍ଥିକ ବର୍ଷରୁ **MMJJM 2.0 କାର୍ଯ୍ୟକାରୀ ହେବ ।** ଏହା କୃଷି ଏବଂ ଅଣ-କୃଷିଭିତ୍ତିକ ଜୀବିକା ଉତ୍ପାଦନ କ୍ଲଷ୍ଟରକୁ ପ୍ରୋତ୍ସାହିତ କରି ରାଜ୍ୟର ସମସ୍ତ ଆଦିବାସୀ ଉପ-ଯୋଜନା (TSP) ବ୍ଲକ ଏବଂ ମାଇକ୍ରୋ ପ୍ରୋଜେକ୍ଟ ଅଞ୍ଚଳରେ ଆଦିବାସୀ ଏବଂ ପିଭିଟିଜି ପରିବାରର ଆୟ ବୃଦ୍ଧି ଏବଂ ସାମଗ୍ରିକ କଲ୍ୟାଣ କରିବାକୁ ଲକ୍ଷ୍ୟ ରଖିଛି । ୨୦୨୬-୨୭ ଆର୍ଥିକ ବର୍ଷରେ ୧.୬ ଲକ୍ଷ ଜନଜାତି ପରିବାର ଏବଂ ଆସନ୍ତା ୫ ବର୍ଷରେ ସମୁଦାୟ ୮ ଲକ୍ଷ ପରିବାରଙ୍କୁ ଏଥିରେ ସାମିଲ କରାଯିବ । ୨୦୨୬-୨୭ ବଜେଟ ଆକଳନରେ **MMJJM** ଅଧୀନରେ **୧୫୦ କୋଟି ଟଙ୍କା ବ୍ୟୟ ବରାଦର** ପ୍ରସ୍ତାବ ରହିଛି ।

**12.** ଜନଜାତୀୟ କାର୍ଯ୍ୟ ମନ୍ତ୍ରାଳୟ ଦ୍ୱାରା **ଆଦି କର୍ମଯୋଗୀ ଅଭିଯାନ**ର ସଫଳ ପ୍ରଣୟନ ପାଇଁ ଓଡିଶାକୁ ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ଭାବରେ ସ୍ୱୀକୃତି ଦିଆଯାଇଛି ଓ ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲା ମଧ୍ୟ ଜିଲ୍ଲାସ୍ତରୀୟ ପ୍ରଦର୍ଶନ ପାଇଁ ପୁରସ୍କାର ପାଇଛନ୍ତି । **ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ (DAJGUA)**ର

କାର୍ଯ୍ୟାନ୍ୱୟନ ପାଇଁ ମୁଁ ୨୦୨୬-୨୭ (ବଜେଟ ଆକଳନ)ରେ **୩ ଶହ ୨୬ କୋଟି** ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ରଖୁଛି ।

**13.** ସାର୍ବଜନୀନ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଏକ ଦୃଢ ପ୍ରତିବଦ୍ଧତା ସହିତ ରାଜ୍ୟ ୨୦୨୭ ମାର୍ଚ୍ଚ ମାସ ଶେଷ ସୁଦ୍ଧା ସମସ୍ତ ଗ୍ରାମୀଣ ପରିବାରକୁ ପାଇପ ଜରିଆରେ ସ୍ୱଚ୍ଛ ଏବଂ ନିରାପଦ ପାନୀୟ ଜଳ ଯୋଗାଇବା ପାଇଁ ଏକ ମହତ୍ୱାକାଂକ୍ଷୀ ଯୋଜନା ଆରମ୍ଭ କରିଛି । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏହି ଲକ୍ଷ୍ୟ ହାସଲ ପାଇଁ ମିଳିତ ଉଦ୍ୟମ କରାଯାଉଛି । ତଦନୁଯାୟୀ, ବସୁଧା ଯୋଜନା ଅଧୀନରେ ୧୪୯୫ **କୋଟି ଟଙ୍କା**, ଜଳ ଜୀବନ ମିଶନ ଅଧୀନରେ ୭,୦୦୦ କୋଟି ଟଙ୍କା ବ୍ୟବସ୍ଥା ପାଇଁ ପ୍ରସ୍ତାବ ଦିଆଯାଇଛି ।

**14.** ଓଡ଼ିଶାର ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ନିରାପଦ, ନିର୍ଭରଯୋଗ୍ୟ ଏବଂ ଦୀର୍ଘସ୍ଥାୟୀ ପାନୀୟ ଜଳର ଅବିରତ ଯୋଗାଣ ଲାଗି ମୁଁ **ଏକ ନୂଆ ଯୋଜନା State Support for Rural Piped Water Supply Projects ର ପ୍ରଚଳନ ଲାଗି ପ୍ରସ୍ତାବ ଦେଉଛି** । ଏହି ଯୋଜନା ଅସମ୍ପୂର୍ଣ୍ଣ ରହିଥିବା ପ୍ରକଳ୍ପଗୁଡ଼ିକୁ ସହାୟତା ପ୍ରଦାନ କରିବ, ବଞ୍ଚିତ ହୋଇଥିବା ଜନବସତି ଗୁଡିକୁ ଅନ୍ତର୍ଭୁକ୍ତ କରି ଜଳର ଗୁଣବତ୍ତା ସମସ୍ୟାର ସମାଧାନ ଏବଂ ଅଭିନବ ପ୍ରଯୁକ୍ତିକୁ ପ୍ରୋତ୍ସାହିତ କରିବ । ଏହି ଯୋଜନା ପାଇଁ ମୁଁ ୮୦୦ କୋଟି ଟଙ୍କା ଆବଣ୍ଟନ କରିବାକୁ ପ୍ରସ୍ତାବ ଦେଉଛି ।

**15.** ଅଧିକନ୍ତୁ, ଗ୍ରାମାଞ୍ଚଳରେ ପରିମଳ ବ୍ୟବସ୍ଥାକୁ ମଜବୁତ କରିବା ପାଇଁ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଅଧୀନରେ **୩ ଶହ ୬୬ କୋଟି** ଟଙ୍କାର ପ୍ରସ୍ତାବ ଦିଆଯାଇଛି ।

**ମାନନୀୟ ଅଧ୍ୟକ୍ଷା ମହୋଦୟା !**

**16.** ଉତ୍କଳ ଜନନୀର ସନ୍ତାନମାନଙ୍କ ଆଖିରେ ଭରିଥିବା ଉତ୍ସାହ, ନାରୀ ସଶକ୍ତିକରଣ, ତଥା ଯୁବବର୍ଗଙ୍କ ଆକାଂକ୍ଷା ହେଉଛି ଆମର ପ୍ରକୃତ ଶକ୍ତି ଓ ସମ୍ପତ୍ତି । ଶିକ୍ଷା, ସ୍ୱାସ୍ଥ୍ୟସେବା, ପୁଷ୍ଟିସାଧନ, ଦକ୍ଷତା, କ୍ରୀଡ଼ା ଏବଂ ସାମାଜିକ ଅନ୍ତର୍ଭୁକ୍ତିକରଣ ମାନବୀୟ ଭିତ୍ତିପ୍ରସ୍ତ ସ୍ଥାପନର ମୂଳ ଯାହା ଉପରେ ପ୍ରତ୍ୟେକ ଅର୍ଥନୈତିକ ଅଭିଳାଷ ଛିଡା ହୋଇଥାଏ । ଆମର ଏହି ମିଳିତ ପ୍ରଗତି ଯାତ୍ରାରେ ପ୍ରତ୍ୟେକ ନାଗରିକ ଏକ ନିରପେକ୍ଷ ଏବଂ ସମ୍ମାନଜନକ ସ୍ଥାନ ପାଇପାରିବେ ।

**17.** କିନ୍ତୁ, ମୁଁ ଅତ୍ୟନ୍ତ ଦୁଃଖିତ ଯେ ଆଜି ମଧ୍ୟ ରାଜ୍ୟରେ ୬ ଲକ୍ଷରୁ ଅଧିକ ଯୋଗ୍ୟ ବ୍ୟକ୍ତି ସାମାଜିକ ସୁରକ୍ଷା ପେନ୍‌ସନରୁ ବଞ୍ଚିତ ଅଛନ୍ତି । ସମସ୍ତ ଯୋଗ୍ୟତା ପୂରଣ କରିଥିବା ସତ୍ତ୍ୱେ, ଏହି ସୁବିଧା ପାଇବା ପାଇଁ ସେମାନଙ୍କୁ ଅପେକ୍ଷା କରିବାକୁ ପଡୁଛି କେତେବେଳେ ପୂର୍ବ ହିତାଧିକାରୀଙ୍କ ମୃତ୍ୟୁ ଯୋଗୁଁ ଖାଲି ସ୍ଥାନ ସୃଷ୍ଟି ହେବା ପର୍ଯ୍ୟନ୍ତ । ଏହା ରାଜ୍ୟର ବୃଦ୍ଧ ଓ ଅସହାୟ ନାଗରିକମାନଙ୍କ ପ୍ରତି ଏକ ଅନ୍ୟାୟ । ପୂର୍ବତନ ସରକାର ଏହି ସମସ୍ୟାର ସମାଧାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ ।

**18.** ଆମ ସରକାର ଏହାକୁ ଏକ ଗୁରୁତର ଅସଙ୍ଗତି ଭାବେ ସ୍ୱୀକାର କରୁଛି, ଏବଂ ଏହାର ସମାଧାନ ପାଇଁ "ମଧୁବାବୁ ପେନ୍‌ସନ ଯୋଜନା" ଅଧୀନରେ ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ପରିପୃକ୍ତି ବା saturation ମୋଡ୍‌ରେ ଅନ୍ତର୍ଭୁକ୍ତ କରିବା ପାଇଁ ନୀତିଗତ ନିଷ୍ପତ୍ତିର ପ୍ରସ୍ତାବ ରଖୁଛି । ଆମେ ତୁରନ୍ତ ବାଦ ପଡ଼ିଥିବା ୬ ଲକ୍ଷରୁ ଅଧିକ ଯୋଗ୍ୟ ବ୍ୟକ୍ତିଙ୍କୁ ସାମାଜିକ ସୁରକ୍ଷା ପେନସନ ପ୍ରଦାନ କରିବୁ । ଏହାସହିତ, ଭବିଷ୍ୟତରେ ଯେତେବେଳେ କୌଣସି ବ୍ୟକ୍ତି ଆବଶ୍ୟକ ଯୋଗ୍ୟତା ପୂରଣ କରିବେ, ସେମାନଙ୍କୁ ଏହି ସୁବିଧା ପାଇବା ପାଇଁ ଆଉ ପୂର୍ବ ହିତାଧିକାରୀଙ୍କ ମୃତ୍ୟୁ ଦ୍ୱାରା ଖାଲି ସ୍ଥାନ ସୃଷ୍ଟି

ପର୍ଯ୍ୟନ୍ତ ଅପେକ୍ଷା ନକରି ତୁରନ୍ତ ଯୋଜନା ଅଧୀନରେ ଅନ୍ତର୍ଭୁକ୍ତ କରାଯିବ । ଏହି ପଦକ୍ଷେପ ଆମ ନାଗରିକମାନଙ୍କ ପାଇଁ ସାମାଜିକ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବାରେ ସୁଦୂରପ୍ରସାରୀ ପ୍ରଭାବ ପକାଇବ ।

19. ମହିଳା ସଶକ୍ତିକରଣ ଅଧୀନରେ ଆମ ସରକାରଙ୍କ ଏକ ଲକ୍ଷ୍ୟ ହେଉଛି ପ୍ରତ୍ୟେକ ଝିଅ ସ୍ନାତକ ପର୍ଯ୍ୟନ୍ତ ଶିକ୍ଷା ସମାପ୍ତ କରିବା । ଏହି ଉଦ୍ଦେଶ୍ୟ ପାଇଁ, **'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ' ନାମରେ ଏକ ନୂତନ** ଯୋଜନା ଆରମ୍ଭ କରିବାକୁ ପ୍ରସ୍ତାବ ଦେଉଛି, ଯାହା  ଆର୍ଥିକ ଦୁର୍ବଳ ବର୍ଗର ପରିବାରରେ ଜନ୍ମ ହୋଇଥିବା ଝିଅଙ୍କ ନାମରେ ୨୦ ହଜାର ଟଙ୍କାର ଏକ ସଞ୍ଚୟ ଉପକରଣ ସୃଷ୍ଟି କରାଯିବ । ସ୍ନାତକ ସମାପ୍ତ କରିବା ପରେ ତାଙ୍କୁ ୧ ଲକ୍ଷ ୧ ଟଙ୍କା ପ୍ରଦାନ କରାଯିବ ।

20. ମହିଳା ସଶକ୍ତିକରଣ ଏବଂ କଲ୍ୟାଣକୁ ଅଧିକ ଋଦ୍ଧିମନ୍ତ କରିବା ପାଇଁ ମୁଁ ଏକ ନୂତନ ଯୋଜନା **"ସୁଭଦ୍ରା ଶକ୍ତି ସମ୍ବାଦ"** ଆରମ୍ଭର ପ୍ରସ୍ତାବ ଦେଉଛି । ଏହି ଯୋଜନା ସୁଭଦ୍ରା ହିତାଧିକାରୀଙ୍କ ଅଭିଜ୍ଞତାକୁ ବାଣ୍ଟିବା, ସମସ୍ୟାର ସମାଧାନ ପାଇଁ ଅଧିକାରୀ ଏବଂ ଗୋଷ୍ଠୀର ହିତାଧିକାରୀଙ୍କ ସହ ନିୟମିତ ଆଲୋଚନା ମାଧ୍ୟମରେ ଅଭିଯୋଗ ନିରାକରଣ ବ୍ୟବସ୍ଥାକୁ ମଜବୁତ କରିବା ପାଇଁ ଏକ ଅଂଶଗ୍ରହଣକାରୀ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ । ଏହା ବ୍ୟତୀତ, ଜୀବନଶୈଳୀ ମାର୍ଗଦର୍ଶନ ଏବଂ ପରାମର୍ଶ ସହାୟତା ସହିତ ସମସ୍ତ ବୟସ ବର୍ଗର ମହିଳାଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା, ପୁଷ୍ଟିକର ଖାଦ୍ୟ, ମାନସିକ ସୁସ୍ଥତା ଏବଂ ଅର୍ଥନୈତିକ ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ଉପଯୁକ୍ତ ସ୍ଥାନମାନଙ୍କରେ **"ସୁଭଦ୍ରା ୱେଲନେସ୍ ସେଣ୍ଟର"** ପ୍ରତିଷ୍ଠା କରାଯିବ ।

21. ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା (PMMVY) ସହ ଯୋଗଦାନ କରି, କନ୍ୟା ସନ୍ତାନ ଜନ୍ମ ନେଇଥିବା ପରିବାରମାନଙ୍କ ପାଇଁ ଏବେ ଆମେ ୧୨ ହଜାର

ଟଙ୍କାର ବର୍ଦ୍ଧିତ ମାତୃତ୍ୱ ସହାୟତା ପ୍ରଦାନ କରୁଛୁ । ଏହି ପ୍ରତିବଦ୍ଧତାକୁ ରୂପ ଦେବା ପାଇଁ ଆଗାମୀ ୨୦୨୬-୨୭ ବର୍ଷର ବଜେଟ୍‌ରେ ମମତା ଯୋଜନା ପାଇଁ **୩ ଶହ ୨୦ କୋଟି** ଟଙ୍କା ଓ PMMVY ପାଇଁ ୧୮୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି । ଏହି ଯୋଜନା ମାଧ୍ୟମରେ ପ୍ରତ୍ୟେକ ଗର୍ଭବତୀ ଓ ସ୍ତନ୍ୟପାନକାରୀ ମାତାଙ୍କୁ ଜୀବନର ଏହି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ଆର୍ଥିକ ସହାୟତା ସୁନିଶ୍ଚିତ କରାଯିବ ।

22. ମହିଳାମାନଙ୍କ ପାଇଁ ଆର୍ଥିକ ସୁରକ୍ଷା ଏବଂ ସମ୍ମାନ ସୁନିଶ୍ଚିତ କରୁଥିବା ଆମର ଫ୍ଲାଗସିପ୍ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ **"ସୁଭଦ୍ରା"** ଯୋଜନା ଅଧୀନରେ ପ୍ରତ୍ୟେକ ଯୋଗ୍ୟ ମହିଳା ହିତାଧିକାରୀଙ୍କୁ ଦୁଇଟି କିସ୍ତିରେ ବାର୍ଷିକ ୧୦ ହଜାର ଟଙ୍କାର ପ୍ରତ୍ୟକ୍ଷ ଆର୍ଥିକ ସହାୟତା ପ୍ରଦାନର ବ୍ୟବସ୍ଥା ରହିଛି । ମୁଁ ଏହି ଯୋଜନାରେ ୧ କୋଟିରୁ ଅଧିକ ମହିଳାଙ୍କୁ ଉପକୃତ କରିବା ପାଇଁ **୧୦ ହଜାର ୧ ଶହ ୪୫ କୋଟି** ଟଙ୍କା ଆବଣ୍ଟନ କରିବାକୁ ପ୍ରସ୍ତାବ ଦେଉଛି ।

23. ଆମର ଝିଅମାନେ ହେଉଛନ୍ତି ଆମର ଗର୍ବ, ଏଣୁ ସେମାନଙ୍କୁ ସେମାନଙ୍କର ସାମର୍ଥ୍ୟ ହାସଲ କରିବାରେ ସାହାଯ୍ୟ କରିବା ପାଇଁ ଆମେ ଚେଷ୍ଟିତ । କିନ୍ତୁ, ପାରମ୍ପରିକ ବିବାହର ଉଚ୍ଚ ଖର୍ଚ୍ଚ ପ୍ରାୟତଃ ସୀମିତ ସମ୍ବଳ ଥିବା ପରିବାର ଉପରେ ଭାରୀ ବୋଝ ସଦୃଶ ହୋଇଥାଏ । ଏହି ପରିବାରଗୁଡ଼ିକୁ ସହାୟତା କରିବା ପାଇଁ ଆମେ **"ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା"** ର ଶୁଭାରମ୍ଭ କରିଛୁ । ସାମୂହିକ ବିବାହକୁ ସୁଗମ କରି, ସରକାର ଆର୍ଥିକ ଦାୟିତ୍ୱ ହିସାବରେ ବିବାହର ସମସ୍ତ ଖର୍ଚ୍ଚ ସମ୍ଭାଳିବା ସହିତ କନ୍ୟାକୁ ଉପହାର ମଧ୍ୟ ପ୍ରଦାନ କରୁଛନ୍ତି । ଏହା ଦ୍ୱାରା ପରିବାରମାନେ ବିନା କଷ୍ଟରେ ଏହି ମାଇଲଖୁଣ୍ଟ ପାଳନ କରିପାରିବେ । ଏଥିପାଇଁ ମୁଁ **୧୨ କୋଟି ଟଙ୍କା** ବ୍ୟୟ ବରାଦର ପ୍ରସ୍ତାବ ଦେଉଛି ।

**24.** ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ଶିଳ୍ପ ହବ୍ ସ୍ଥାପନ କରିବା ତଥା ବ୍ରାଣ୍ଡିଂ ଓ ପ୍ରୋତ୍ସାହନ ପାଇଁ ସହାୟତା ପ୍ରଦାନ ମାଧ୍ୟମରେ ଓଡ଼ିଶାର ମହିଳାମାନଙ୍କୁ **ଲକ୍ଷପତି ଦିଦିରେ** ପରିଣତ କରିବା ଆମର ଲକ୍ଷ୍ୟ । **ଜାତୀୟ ଗ୍ରାମୀଣ ଜୀବିକା ମିଶନ (NRLM)** ମାଧ୍ୟମରେ, ଆମେ ୧ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ସରକାରୀ ଚୁକ୍ତିନାମା ଏବଂ ସେବା ପ୍ରଦାନର ସୁବିଧା ପ୍ରଦାନ କରୁଛୁ । ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ଲାଗି ବଜେଟରେ **୧ ହଜାର ୩ ଶହ ୩୩ କୋଟି** ଟଙ୍କାର ବ୍ୟୟ ବରାଦ ପ୍ରସ୍ତାବ ରହିଛି । ମିଶନ ଶକ୍ତି ବିଭାଗ ଅଧୀନରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ମାଧ୍ୟମରେ ଆମର ମହିଳା ସଶକ୍ତିକରଣ ପାଇଁ ଆବଣ୍ଟନକୁ **୨ ହଜାର ୮ ଶହ ୪ କୋଟି** ଟଙ୍କାକୁ ବୃଦ୍ଧି କରାଯାଇଛି ।

**25.** ଆମର ଭଉଣୀ ଏବଂ ଝିଅମାନଙ୍କୁ ସମର୍ଥନ କରିବା ପାଇଁ, ମୁଁ ଲିଙ୍ଗଗତ ସମାନତା ହାସଲ କରିବା ଏବଂ ଆମ ରାଜ୍ୟକୁ ଆଗକୁ ବଢାଇବା ପାଇଁ ଆମ ଜନସଂଖ୍ୟାର ଅଧାକୁ ସଶକ୍ତ କରିବା ପାଇଁ ଉତ୍ସର୍ଗୀକୃତ ଯୋଜନା ଏବଂ କାର୍ଯ୍ୟକ୍ରମ ପାଇଁ **୧୮ ହଜାର ୯ ଶହ ୫୭ କୋଟି** ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ଦେଉଛି ।

**26.** ଆମର ସମସ୍ତ ଚାଲୁ ରହିଥିବା ଯୋଜନା ବ୍ୟତୀତ, ମୁଁ ସମସ୍ତ ଅସମ୍ପୂର୍ଣ୍ଣ ଅଙ୍ଗନୱାଡି କେନ୍ଦ୍ରକୁ ସମୟବଦ୍ଧ ଭିତ୍ତିରେ ସମ୍ପୂର୍ଣ୍ଣ କରିବା ପାଇଁ ଏକ ନୂତନ ଯୋଜନା **"ସମୃଦ୍ଧ ଅଙ୍ଗନୱାଡି ଯୋଜନା"** ପ୍ରସ୍ତାବ ଦେଉଛି । ଏହି ନୂତନ ଯୋଜନାରେ କ୍ରେଚ୍ ସୁବିଧା ବିନା ପ୍ରତି କେନ୍ଦ୍ର ପିଛା ୧୫ ଲକ୍ଷ ଟଙ୍କା ଏବଂ କ୍ରେଚ୍ ସୁବିଧା ଥିବା କେନ୍ଦ୍ର ପିଛା ୨୦ ଲକ୍ଷ ଟଙ୍କା ମୂଲ୍ୟରେ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ କରାଯିବ । ଏହି ନୂଆ ଯୋଜନା ପାଇଁ ମୁଁ ୨୦୨୬-୨୭ ଆର୍ଥିକ ବର୍ଷରେ **୬ ଶହ ୩୫ କୋଟି** ଟଙ୍କାର ପ୍ରସ୍ତାବ ଦେଉଛି ।

**27.** ଯତ୍ନ ଏବଂ ସୁରକ୍ଷା ଆବଶ୍ୟକ କରୁଥିବା ପିଲାମାନଙ୍କ ପାଇଁ ସୁରକ୍ଷାକୁ ମଜବୁତ କରିବା ପାଇଁ ଏକ ନୂତନ ଯୋଜନା **"ସମନ୍ୱିତ ବାତ୍ସଲ୍ୟ ସଦନ"** ଅଧୀନରେ ୨୩ଟି ଜିଲ୍ଲା ମୁଖ୍ୟାଳୟରେ ୨୩ ଟି **ସମନ୍ୱିତ ବାତ୍ସଲ୍ୟ ସଦନ** ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଛି । ଏହି ସୁପରିକଳ୍ପିତ, ସମନ୍ୱିତ କମ୍ପ୍ଲେକ୍ସଗୁଡ଼ିକ ଶିଶୁ ଗୃହ, ଶିଶୁ କଲ୍ୟାଣ କମିଟି ଏବଂ କିଶୋର ନ୍ୟାୟ ବୋର୍ଡ କୁ ଗୋଟିଏ ପରିସର ମଧ୍ୟରେ ସ୍ଥାନିତ କରିବ । ଏଥିପାଇଁ ମୁଁ **୬୨ କୋଟି ଟଙ୍କା** ବ୍ୟୟ ବରାଦ ପ୍ରସ୍ତାବ ରଖୁଛି ।

**28.** ଆମର ଜନସାଧାରଣ ହିଁ ଆମର ପ୍ରକୃତ ଶକ୍ତି, ଏବଂ ସେମାନଙ୍କର ସ୍ୱାସ୍ଥ୍ୟ ଆମର ପ୍ରାଥମିକତା । "**ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା**" ମାଧ୍ୟମରେ ଆମେ ଆମର ମା', ଝିଅ ଏବଂ ପିଲାମାନଙ୍କର ପୁଷ୍ଟିକର ଖାଦ୍ୟ ସୁରକ୍ଷା ପାଇଁ ୫ ଶହ ୫୨ **କୋଟି ଟଙ୍କା** ବିନିଯୋଗ କରୁଛୁ । ପୋଷଣ ଅଭିଯାନ ସହିତ ମିଶି, ଆମର ଏହି ପଦକ୍ଷେପଗୁଡ଼ିକ ପ୍ରତ୍ୟେକ ପରିବାର ପାଇଁ ଏକ ସୁସ୍ଥ, ଉତ୍ତମ ପୁଷ୍ଟିକର ଭବିଷ୍ୟତ ଗଠନ ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିପାଦିତ କରେ ।

**29.** ଯୁବ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ପୁଷ୍ଟିର ଆବଶ୍ୟକତା ଏବଂ ପ୍ରଭାବଶାଳୀ ଶିକ୍ଷା ସୁନିଶ୍ଚିତ କରିବା ପାଇଁ ମୁଁ "**ପିଏମ ପୋଷଣ**" କାର୍ଯ୍ୟକ୍ରମ ଅଧୀନରେ ୭ ଶହ ୯ କୋଟି ଟଙ୍କା ବ୍ୟୟରେ ରନ୍ଧା ଖାଦ୍ୟ ଯୋଗାଇ ଦେବାକୁ ପ୍ରସ୍ତାବ ରଖୁଛି । ଅଧିକନ୍ତୁ, **ପିଏମ ପୋଷଣ** ମାନଦଣ୍ଡ ଅନୁଯାୟୀ "**ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା**" ଅଧୀନରେ, ନବମ ଏବଂ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରତିଦିନ ୟୁନିଟ୍ ସାମଗ୍ରୀ ମୂଲ୍ୟ ୧୦ ଟଙ୍କା ୯୪ ପଇସାରୁ ୧୪ ଟଙ୍କା ୭୪ ପଇସାକୁ ବୃଦ୍ଧି କରାଯାଇଛି । ଏହା ଡ୍ରପ୍ ଆଉଟ୍ ହାର ହ୍ରାସ କରିବା ସଙ୍ଗେ ସଙ୍ଗେ ଆମ ପିଲାମାନଙ୍କ ପାଇଁ ପୁଷ୍ଟି ସ୍ଥିତିରେ ଉନ୍ନତି ଆଣିବାରେ ସହାୟକ ହେବ ।

**30.** ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁରୂପ, ଆମ ସରକାର ଶିଶୁବାଟିକାକୁ ଔପଚାରିକ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ଏକ ଅଭିନ୍ନ ଅଙ୍ଗ ଭାବେ ସଫଳତାର ସହ ପ୍ରବର୍ତ୍ତନ କରିଛନ୍ତି, ଯାହା ସୁନିଶ୍ଚିତ କରିଛି ଯେ ପ୍ରତ୍ୟେକ ଶିଶୁ ଏକ ଦୃଢ଼ ଏବଂ ନ୍ୟାୟସଙ୍ଗତ ଭିତ୍ତିଭୂମି ସହିତ ବିଦ୍ୟାଳୟରେ ପ୍ରବେଶ କରିବେ । ବିଦ୍ୟାଳୟ ଆଧାରିତ ପ୍ରାରମ୍ଭିକ ଶୈଶବ ଶିକ୍ଷାକୁ ଆହୁରି ସୁଦୃଢ଼ କରିବା ପାଇଁ, ମୁଁ **ସମଗ୍ର ଶିକ୍ଷାକୁ ରାଜ୍ୟ ସହାୟତା** ଅଧୀନରେ ୧୧୩୧ କୋଟି ଟଙ୍କାର ଆବଣ୍ଟନ ପ୍ରସ୍ତାବ ଦେଉଛି, ଯେଉଁଥିରୁ ଶିଶୁ ବାଟିକା ଛାତ୍ରଛାତ୍ରୀମାନଙ୍କୁ ମାଗଣା ପୋଷାକ ଯୋଗାଣ ପାଇଁ **୩୨ କୋଟି** ଟଙ୍କା ଉଦ୍ଦିଷ୍ଟ ।

**31.** ସ୍ୱଷ୍ଟ ଦୃଷ୍ଟିକୋଣ ସହିତ, ପ୍ରତ୍ୟେକ ଶିକ୍ଷାର୍ଥୀ ପାଇଁ ମାଗଣା ଏବଂ ବାଧାମୁକ୍ତ ଶିକ୍ଷା ଉଦ୍ଦେଶ୍ୟରେ, ମୁଁ ନବମ ଏବଂ ଦଶମ ଶ୍ରେଣୀର ସମସ୍ତ ଶିକ୍ଷାର୍ଥୀଙ୍କୁ ମାଗଣା ପାଠ୍ୟପୁସ୍ତକ ଯୋଗାଇବା ପାଇଁ ଏକ ନୂତନ ଯୋଜନାର ପ୍ରସ୍ତାବ ଦେଉଛି । ଅଧିକନ୍ତୁ, ଶିକ୍ଷାର ଉପଲବ୍ଧତାରେ ଉନ୍ନତି ଆଣିବା ଏବଂ ସମଗ୍ର ରାଜ୍ୟରେ ଆର୍ଥିକ ପ୍ରତିବନ୍ଧକ ଦୂର କରିବା ପାଇଁ, ମୁଁ ଗଙ୍ଗାଧର ମେହେର ଶିକ୍ଷା ମାନକବୃଦ୍ଧି ଯୋଜନା ଅଧୀନରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀଙ୍କୁ ଏବଂ ମୁଖ୍ୟମନ୍ତ୍ରୀ ଛାତ୍ର ପରିଧାନ ଯୋଜନା ଅଧୀନରେ ନବମ ଏବଂ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମାଗଣା ୟୁନିଫର୍ମ ବଣ୍ଟନ ପାଇଁ ପାଣ୍ଠି ଆବଣ୍ଟନ କରିବାକୁ ପ୍ରସ୍ତାବ ଦେଉଛି । ଏହା ନିଶ୍ଚିତ କରିବ ଯେ କୌଣସି ପିଲା ଆର୍ଥିକ ସଙ୍କଟ ହେତୁ ବିଦ୍ୟାଳୟରୁ ବଞ୍ଚିତ ହେବେ ନାହିଁ ।

**32.** ପ୍ରତ୍ୟେକ ପିଲାଙ୍କ ଭିତରେ ଥିବା ପ୍ରତିଶ୍ରୁତି ଏବଂ ସାମର୍ଥ୍ୟକୁ ପୂରଣ କରିବା ପାଇଁ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ସର୍ବୋପରି ଅଟେ । "**ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ରମ"** ଜରିଆରେ, ମୁଁ ଗ୍ରାମ ପଞ୍ଚାୟତ ସ୍ତରରେ ଗୋଟିଏ ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ବିକାଶ ପାଇଁ ପ୍ରସ୍ତାବ ଦେଉଛି । ଏହି ଯୋଜନାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ **୧ ହଜାର ୧୦ କୋଟି** ଟଙ୍କା ବ୍ୟୟବରାଦ

କରାଯାଇଛି । "**ଐତିହ୍ୟ ବିଦ୍ୟାଳୟ**" ଯୋଜନା ଅଧୀନରେ ୫୧ଟି ଐତିହ୍ୟ ଓଡ଼ିଆ ମାଧ୍ୟମ ସରକାରୀ ଉଚ୍ଚ ବିଦ୍ୟାଳୟର ନବୀକରଣ କରାଯିବ ଏବଂ ଯାହାକି ଉତ୍କର୍ଷ ଏବଂ ସାଂସ୍କୃତିକ ଗୌରବର କେନ୍ଦ୍ର ଭାବରେ ପୁନର୍ଜୀବିତ ହେବେ ।

**33.** ପ୍ରତ୍ୟେକ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ଓ ଅନ୍ୟାନ୍ୟ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କୁ ସଶକ୍ତ କରିବା ଆମ ସରକାରଙ୍କ ଏକ ପ୍ରଥମିକତା ହୋଇ ଆସିଛି । କୌଣସି ମେଧାବୀ ଯୋଗ୍ୟ ଛାତ୍ର ଯେପରି ନିଜର ଶିକ୍ଷା ଗ୍ରହଣ ପାଇଁ ଆର୍ଥିକ ସଙ୍କଟର ସମ୍ମୁଖୀନ ନହୁଅନ୍ତି ତାହା ସୁନିଶ୍ଚିତ କରିବା ପାଇଁ ଆମ ସରକାରଙ୍କ ଏକ ପ୍ରମୁଖ ପ୍ରାଥମିକତା । ୨୦୨୫-୨୬ ମସିହାରେ, ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ଏବଂ କେନ୍ଦ୍ର ପ୍ରାୟୋଜିତ ଛାତ୍ରବୃତ୍ତି ଯୋଜନା ଅଧୀନରେ ପ୍ରାୟ ୧୧ ଲକ୍ଷ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ଓବିସି ଏବଂ ଇବିସି ହିତାଧିକାରୀଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଇସାରିଛି । ଆମେ ଛାତ୍ରାବାସରେ ରହୁଥିବା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ର ମାନଙ୍କ ପାଇଁ ପ୍ରି-ମ୍ୟାଟ୍ରିକ୍ ଛାତ୍ରବୃତ୍ତି ହାରକୁ ପ୍ରତି ମାସ ୧ ହଜାର ୬ ଶହ ଟଙ୍କା ଏବଂ ଛାତ୍ରୀ ମାନଙ୍କ ପାଇଁ ପ୍ରତି ମାସ ୧ ହଜାର ୭ ଶହ ଟଙ୍କାକୁ ବୃଦ୍ଧି କରିଛୁ । ଶିକ୍ଷା କ୍ଷେତ୍ରରେ ସମାନତା ପ୍ରତି ଆମର ଦୃଢ଼ ପ୍ରତିବଦ୍ଧତାକୁ ଦୋହରାଇ ମୁଁ ୨୦୨୬-୨୭ ବଜେଟରେ ୨୨ ଲକ୍ଷ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ଓବିସି ଏବଂ ଇବିସି ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ପ୍ରଦାନ ପାଇଁ **୨ ହଜାର ୯୫ କୋଟି** ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରଖୁଛି ।

**34.** ଆମର ଅନୁସୂଚିତ ଜନଜାତିର ଛାତ୍ରଛାତ୍ରୀମାନେ ବିଦ୍ୟାଳୟରେ ରହି ସଫଳ ଭାବେ ପଥ ପଢା ଶେଷ କରିବା ନିମନ୍ତେ, **ସହିଦ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା** ଜରିଆରେ ନବମ ଏବଂ ଏକାଦଶ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ **୫ ହଜାର** ଟଙ୍କାର ଏକକାଳୀନ ସହାୟତା ପ୍ରଦାନ କରୁଅଛୁ । ଆର୍ଥିକ ପ୍ରତିବନ୍ଧକକୁ ଯୋଗୁଁ ଅଧାରୁ ପାଠ ଛାଡୁଥିବା ଛାତ୍ର ଛାତ୍ରୀ ମାନଙ୍କ ପାଇଁ ,ଏହି ଯୋଜନା, ସାରା ରାଜ୍ୟରେ

୩ ଲକ୍ଷ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଶିକ୍ଷା ଜାରି ରଖିବା ପାଇଁ ଉତ୍ସାହିତ କରିବ । ବଜେଟରେ ଏହି କାର୍ଯ୍ୟକ୍ରମ ପାଇଁ **୧ ଶହ ୫୪ କୋଟି** ଟଙ୍କାର ବ୍ୟବସ୍ଥା କରାଯାଇଛି ।

**35.** ପର୍ଯ୍ୟାୟକ୍ରମେ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କ ପାଇଁ ଆବାସିକ ବିଦ୍ୟାଳୟରେ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ, ଅତିକମରେ ୧୦୦ଟି ଆବାସିକ ବିଦ୍ୟାଳୟକୁ ସାମିଲ କରିବାର ଲକ୍ଷ୍ୟ ରଖାଯାଇଛି । ଏଥି ପାଇଁ ଆବଶ୍ୟକ ଖର୍ଚ୍ଚ "କୋଠାବାଡି ନିର୍ମାଣ" ବାବଦକୁ ଆବଣ୍ଟନ କରାଯାଇଥିବା ୧ ହଜାର ୭୦ କୋଟି ଟଙ୍କାର ଅର୍ଥରୁ ଭରଣା କରାଯିବ ।

**36.** ଆମ ସରକାର ଉଚ୍ଚଶିକ୍ଷା ଭିତ୍ତିଭୂମି ଏବଂ ଗୁଣବତ୍ତାକୁ ସୁଦୃଢ଼ କରିବା ଲାଗି ଧ୍ୟାନ କେନ୍ଦ୍ରିକ ନିବେଶ ଜରିଆରେ କାର୍ଯ୍ୟ କରୁଛନ୍ତି । ମୁଁ ରାଜ୍ୟ ବିଶ୍ୱବିଦ୍ୟାଳୟ, ସରକାରୀ କଲେଜ ଏବଂ ବେସରକାରୀ ଅନୁଦାନପ୍ରାପ୍ତ କଲେଜଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ୪ ଶହ ୭୦ କୋଟି ଟଙ୍କାର ପ୍ରସ୍ତାବ ଦେଉଛି । ଏହା ବ୍ୟତୀତ ଗୁଣାତ୍ମକ ଶିକ୍ଷାର ଆଧୁନିକୀକରଣ ପାଇଁ **୫୦ କୋଟି** ଟଙ୍କା ଏବଂ ସରକାରୀ ଏବଂ ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ ପରୀକ୍ଷାଗାର ପାଇଁ **୨୫ କୋଟି** ଟଙ୍କା ପ୍ରସ୍ତାବ ଦେଉଛି ।

**37.** ଉଚ୍ଚଶିକ୍ଷା ପ୍ରାପ୍ତିରେ ସମାନ ସୁଯୋଗ ପାଇଁ ମୁଁ **"ମୁଖ୍ୟମନ୍ତ୍ରୀ ମେଧାବୀ ଛତ୍ର ପ୍ରୋତ୍ସାହନ ଯୋଜନା"କୁ** ଜାରି ରଖିବାକୁ ପ୍ରସ୍ତାବ ଦେଉଛି । ଇ-ମେଧାବୃତ୍ତି ଜରିଆରେ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ପାଇଁ ବାର୍ଷିକ ୧୦ ହଜାର ଟଙ୍କା ଏବଂ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ପାଇଁ **୧୫ ହଜାର** ଟଙ୍କା ବୃତ୍ତି ର ବ୍ୟବସ୍ଥା ରହିଛି । ସେହିପରି ବ୍ୟାସକବୀ ଫକୀର ମୋହନ ଛାତ୍ରବୃତ୍ତି ଯୋଜନାରେ +୩ ଓଡ଼ିଆ ସମ୍ମାନ ଓଡ଼ିଆ ପାଇଁ ଛାତ୍ର ପିଛା ୨୦ ହଜାର ଟଙ୍କା ବୃତ୍ତି ଏବଂ ସ୍ନାତକୋତ୍ତର ସ୍ତରରେ

**୩୦ ହଜାର** ଟଙ୍କା ବୃତ୍ତି ର ବ୍ୟବସ୍ଥା ରହିଛି । ମୁଁ **ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା** ବଞ୍ଚିତ ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୨୦ ହଜାର ଟଙ୍କା ଏବଂ ବିଦେଶରେ ସ୍ନାତକୋତ୍ତର ଏବଂ ଡକ୍ଟରାଲ ଅଧ୍ୟୟନ ପାଇଁ ୫୦ ଲକ୍ଷ ଟଙ୍କାର ସୀମା ସହିତ ୫୦ ଜଣ ଅନୁସୂଚିତ ଜାତି/ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ବିଦେଶ ଶିକ୍ଷାବୃତ୍ତି ପ୍ରଦାନ କରାଯିବ । ଏହା ବ୍ୟତୀତ **ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ ଯୋଜନା ଅଧୀନରେ** +2 ପାସ୍ କରିଥିବା ୧୫ ହଜାର ମେଧାବୀ ଛାତ୍ରଛାତ୍ରୀଙ୍କୁ ଲାପଟପ କିଣିବା ପାଇଁ ବାର୍ଷିକ **୩୦ ହଜାର** ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ।

**38.** ଶିକ୍ଷାର ପ୍ରବେଶରେ ଉନ୍ନତି ଆଣିବା ପାଇଁ, ବିଶେଷ କରି ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଅଧିକ ମହିଳା ନାମଲେଖା ଏବଂ ଶିକ୍ଷାରେ ବଜାୟ ରଖିବା ଲକ୍ଷ୍ୟରେ ଆବାସ ଏବଂ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ, ୨୦୨୬-୨୭ କେନ୍ଦ୍ର ବଜେଟରେ ଭାରତର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ବାଳିକା (ମହିଳା) ହଷ୍ଟେଲ ପାଇଁ ଘୋଷଣା କରାଯାଇଛି । ଏହା ଏକ ପ୍ରଶଂସନୀୟ ପଦକ୍ଷେପ । ଏହି ପଦକ୍ଷେପର ପରିପୂରକ ଭାବେ, ମୁଁ ଉଚ୍ଚଶିକ୍ଷା ସଂସ୍ଥାନଗୁଡ଼ିକରେ ଛାତ୍ରୀମାନଙ୍କ ପାଇଁ ହଷ୍ଟେଲ୍ ନିର୍ମାଣ ପାଇଁ ଏକ ନୂତନ ଯୋଜନାର ପ୍ରସ୍ତାବ ରଖୁଅଛି ।

**39.** ମୁଁ ଏହା ଘୋଷଣା କରି ଆନନ୍ଦିତ ଯେ ଆମେ କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ ଏବଂ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟାଳୟରେ ୪ଟି ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଯାଉଛୁ । ଏହି ନୂତନ ଅନୁଷ୍ଠାନଗୁଡିକ ଏନଇପି – ୨୦୨୦ ଅନୁଯାୟୀ ପ୍ରଥମ ଦିନରୁ ସ୍ନାତକୋତ୍ତର ପାଠ୍ୟକ୍ରମରେ ମୌଳିକ ଭାବରେ ଅଭିନବ ଶିକ୍ଷାଦାନ କାର୍ଯ୍ୟକାରୀ କରିବାର ଅନନ୍ୟ ସୁବିଧା ପାଇପାରିବେ ।

**40.** ମହିଳା ଛାତ୍ରୀମାନଙ୍କର ସାମଗ୍ରିକ ସୁରକ୍ଷା ଏବଂ ସଶକ୍ତିକରଣ ସୁନିଶ୍ଚିତ କରିବା ପାଇଁ ମୁଁ ୧୬ଟି ରାଜ୍ୟ ବିଶ୍ୱବିଦ୍ୟାଳୟ ଏବଂ ୭ ଶହ ୪୧ଟି ସରକାରୀ ଏବଂ

ଅନୁଦାନପ୍ରାପ୍ତ ମହାବିଦ୍ୟାଳୟକୁ ସାମିଲ କରୁଥିବା **ଶକ୍ତିଶ୍ରୀ** ଯୋଜନାର ପ୍ରସ୍ତାବ ଦେଉଛି । ଏହି ଯୋଜନାରେ ସମସ୍ତ ଉଚ୍ଚଶିକ୍ଷା ଅନୁଷ୍ଠାନରେ ଶକ୍ତିଶ୍ରୀ ସଶକ୍ତିକରଣ ସେଲ୍ ପ୍ରତିଷ୍ଠା, ସାଥୀ, ସଞ୍ଜୋଜିକା ଏବଂ ମହିଳା ଶ୍ରେଣୀ ପ୍ରତିନିଧି (ଏଫ୍‌ସିଆର) ନିୟୋଜନ, ଆତ୍ମରକ୍ଷା ପ୍ରଶିକ୍ଷଣ, ସେଫ୍ ଅଭିଯାନ, ଶକ୍ତି ଅପାଙ୍କ ସହ ପରାମର୍ଶ, ସିସିଟିଭି ସ୍ଥାପନ, ବାର୍ଷିକ କ୍ୟାମ୍ପସ୍ ସୁରକ୍ଷା ଅଡିଟ୍ ଏବଂ **ଶକ୍ତି ସ୍ୱରୂପିଣୀ** ବାର୍ଷିକ କର୍ମଶାଳା ଅନ୍ତର୍ଭୁକ୍ତ ।

**41.** ୨୦୪୭ ସୁଦ୍ଧା ରାଜ୍ୟ ବିଶ୍ୱ ଦକ୍ଷତା କେନ୍ଦ୍ରର ୭ଟି କ୍ୟାମ୍ପସ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଛି, ସେହିପରି ୨୦୩୬ ମସିହା ପୂର୍ବରୁ ଅତିକମରେ ୫ଟି କ୍ୟାମ୍ପସ ପ୍ରତିଷ୍ଠା କରାଯିବ । ସମ୍ବଲପୁର **ଏବଂ** ବ୍ରହ୍ମପୁରରେ **ମୋଟ ୨ ଶହ ୭୮ କୋଟି ଟଙ୍କା** ବିନିଯୋଗରେ "ବିଶ୍ୱ ଦକ୍ଷତା କେନ୍ଦ୍ର"ର ଦୁଇଟି ନୂତନ କ୍ୟାମ୍ପସ ପ୍ରତିଷ୍ଠା ପାଇଁ ମୁଁ ପ୍ରସ୍ତାବ ଦେଉଛି । ଏହି କ୍ୟାମ୍ପସଗୁଡିକ ଉଦୀୟମାନ ଯୁବକମାନଙ୍କୁ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଦକ୍ଷତା ସମ୍ପନ୍ନ କରିବା ପାଇଁ ଉନ୍ନତ, ଶିଳ୍ପ ଭିତ୍ତିକ ତାଲିମ ପ୍ରଦାନ କରିବ । ପ୍ରତ୍ୟେକ କ୍ୟାମ୍ପସରେ ଆଇଟିଆଇ, ପଲିଟେକ୍ନିକ୍ ଏବଂ ଅନ୍ୟାନ୍ୟ ଆଗ୍ରହୀ ଯୁବକମାନଙ୍କ ପାଇଁ ବାର୍ଷିକ ପ୍ରାୟ ୨ ହଜାର ଛାତ୍ରଛାତ୍ରୀ ନାମଲେଖା ପାଇଁ କ୍ଷମତା ରହିବ । ଏହି କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ଓଡ଼ିଶା ଦକ୍ଷତା ବିକାଶ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟରେ **୧୦ କୋଟି** ଟଙ୍କା ଆବଣ୍ଟନ କରାଯାଇଛି ।

**42.** ଆସନ୍ତା ଦୁଇ ବର୍ଷ ମଧ୍ୟରେ ମୋଟ ୪୦ କୋଟି ଟଙ୍କାର ବ୍ୟୟବରାଦ ସହିତ ୬ ହଜାର ନାନୋ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଦେବା ପାଇଁ ମୁଁ **'ଉଦ୍ୟମୀ'** ନାମରେ ଏକ ନୂତନ ଯୋଜନା ପାଇଁ ପ୍ରସ୍ତାବ ଦେଉଛି । ଏହି ଯୋଜନାରେ ସଂରଚନା ଉଦ୍ୟମିତା ବିକାଶ କାର୍ଯ୍ୟକ୍ରମ, ଆନୁଷ୍ଠାନିକ ଋଣ ପାଇବା ପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି, ସ୍ଥାୟୀ ଉଦ୍ୟୋଗ ସୃଷ୍ଟିକୁ ସକ୍ଷମ କରିବା ପାଇଁ ମାର୍ଗଦର୍ଶନ ଏବଂ ପ୍ରତ୍ୟକ୍ଷ ସହାୟତା ଅନ୍ତର୍ଭୁକ୍ତ ।

**43.** ଓଡ଼ିଶାର ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଖଣି ଓ ଧାତୁ କ୍ଷେତ୍ରରେ କୁଶଳୀ ପେସାଦାରଙ୍କ ବର୍ଦ୍ଧିତ ଚାହିଦାକୁ ପୂରଣ କରିବା ପାଇଁ କେନ୍ଦୁଝରସ୍ଥିତ ସରକାରୀ ଇଞ୍ଜିନିୟରିଂ କଲେଜରେ ଖଣି ଏବଂ ଧାତୁ ବିଜ୍ଞାନ କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦିଆଯାଇଛି । "ଟେକ୍ନୋଲୋଜିକାଲ ବିଶ୍ୱବିଦ୍ୟାଳୟ ତଥା ଇଞ୍ଜିନିୟରିଂ କଲେଜଗୁଡ଼ିକର ଭିତ୍ତିଭୂମି ବିକାଶ" ପାଇଁ ୨୦୨୬-୨୭ ବଜେଟରେ ମୋଟ ୨୩୫ କୋଟି ଟଙ୍କା ବରାଦ କରାଯାଇଛି ।

**44.** ଆମ ସରକାର ଓଡ଼ିଶା ପ୍ରଯୁକ୍ତିବିଦ୍ୟା ଓ ଗବେଷଣା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ଏବଂ ବୀର ସୁରେନ୍ଦ୍ର ସାଏ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ, ବୁର୍ଲାକୁ ବିଶ୍ୱସ୍ତରୀୟ ବୈଷୟିକ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ଉପରେ ମଧ୍ୟ ଧ୍ୟାନ ଦେଇଛି । ମୁଁ ବର୍ତ୍ତମାନ ପାରାଦୀପ ଓ ବଲାଙ୍ଗିରରେ ଦୁଇଟି ନୂତନ ସରକାରୀ ଇଞ୍ଜିନିୟରିଂ କଲେଜ୍ ସ୍ଥାପନ କରିବା ପ୍ରସ୍ତାବ ରଖୁଛି ।

**45.** ଆମ ସରକାର ୨୦୨୫-୨୬ ଠାରୁ ୨୦୨୭-୨୮ ପର୍ଯ୍ୟନ୍ତ ତିନି ବର୍ଷ ପାଇଁ ମୋଟ ୫୦୦ କୋଟି ଟଙ୍କାର **ବ୍ୟୟବରାଦ ସହିତ "**ଉତ୍କର୍ଷ ଆଇଟିଆଇ ଯୋଜନା"କୁ ଅନୁମୋଦନ କରିଛନ୍ତି। ବର୍ତ୍ତମାନ ଥିବା ପାଞ୍ଚଟି ସରକାରୀ ଆଇଟିଆଇକୁ ଫ୍ଲାଗସିପ୍ ଉତ୍କର୍ଷ ଆଇଟିଆଇ ଭାବରେ ଉନ୍ନୀତ କରିବା ପାଇଁ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି । ଉଦୀୟମାନ ବ୍ୟବସାୟ, ଦୃଢ଼ ଶିଳ୍ପ ଭାଗିଦାରୀ, ଉତ୍କର୍ଷ କେନ୍ଦ୍ର ଏବଂ ଅତ୍ୟାଧୁନିକ ଭିତ୍ତିଭୂମି ପାଇଁ ପ୍ରତି ଆଇଟିଆଇରେ ପ୍ରାୟ ୧ ଶହ କୋଟି ଟଙ୍କା ବିନିଯୋଗ କରାଯିବ । ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ମୁଁ ଏହି ଯୋଜନାରେ ୧ ଶହ କୋଟି ଟଙ୍କାର ପ୍ରସ୍ତାବ ରଖିଛି । ଏହା ବ୍ୟତୀତ ଆଧୁନିକ ପ୍ରଶିକ୍ଷଣ ସୁବିଧା, ଅତ୍ୟାଧୁନିକ କର୍ମଶାଳା ଏବଂ ଡିଜିଟାଲ ଶିକ୍ଷା ଭିତ୍ତିଭୂମିର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଆଇଟିଆଇ ପାଇଁ **୨ ଶହ ୬୦ କୋଟି** ଟଙ୍କା ଆବଣ୍ଟନ କରାଯାଇଛି ।

**46.** **"ଆରୋଗ୍ୟମ ପରମମ୍ ଧନଂ - ସୁସ୍ଥ ଓଡ଼ିଶା, ବିକଶିତ ଓଡ଼ିଶା"** ହେଉଛି ଆମ ସରକାରଙ୍କ ମାର୍ଗଦର୍ଶକ ନୀତି । ଏହି ଦୃଷ୍ଟିକୋଣ ଦ୍ୱାରା ଅନୁପ୍ରାଣିତ ହୋଇ, ଆମେ ସମସ୍ତଙ୍କ ପାଇଁ ନ୍ୟାୟୋଚିତ, ସୁଲଭ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ସୁନିଶ୍ଚିତ କରିବା ସହ ସାର୍ବଜନୀନ ସ୍ୱାସ୍ଥ୍ୟ ସୁରକ୍ଷା ଅଭିମୁଖେ ଦ୍ରୁତ ଗତିରେ ଅଗ୍ରସର ହେଉଛୁ । ଆମେ ମାଗଣା ଏବଂ ସୁନିଶ୍ଚିତ ସ୍ୱାସ୍ଥ୍ୟ ସେବା, ମାନବ ସମ୍ବଳର ସୁଦୃଢ଼ୀକରଣ, ଅତ୍ୟାଧୁନିକ ଜନସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ, ସେବା ଯୋଗାଣର ସମ୍ପ୍ରସାରଣ, ଚିକିତ୍ସା ବୈଷୟିକ ଜ୍ଞାନକୌଶଳର ବ୍ୟବହାର, ଘରୋଇ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀଙ୍କ ବିନିଯୋଗ, ଆୟୁଷ ବ୍ୟବସ୍ଥାକୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଏବଂ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ବହୁବିଧ ଦକ୍ଷତା ସମ୍ପନ୍ନ କରିବା ଉପରେ ଗୁରୁତ୍ୱ ଦେଉଛୁ । ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ, ମୁଁ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ନିମନ୍ତେ **୨୩ ହଜାର ୧ ଶହ ୮୨ କୋଟି** ଟଙ୍କାର ଏକ ବିପୁଳ ବ୍ୟୟବରାଦ ପ୍ରସ୍ତାବ ରଖୁଛି, ଯେଉଁଥିରେ କାର୍ଯ୍ୟକ୍ରମ ବ୍ୟୟ ପାଇଁ **୧୭ ହଜାର ୭ ଶହ ୩୭ କୋଟି** ଟଙ୍କା ସାମିଲ ରହିଛି । ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରସ୍ତାବିତ ଏହି ବ୍ୟୟ ମୋଟ ବଜେଟ ଆକାରର ୭.୫% ରୁ ଅଧିକ ଅଟେ, ଯାହା ଆମର ପ୍ରତିବଦ୍ଧତା, ଅଭିପ୍ରାୟ ଏବଂ କାର୍ଯ୍ୟଧାରାକୁ ପ୍ରତିଫଳିତ କରେ ।

**47.** ବଢୁଥିବା ରୋଗୀ ସଂଖ୍ୟା ଏବଂ ଜରୁରୀକାଳୀନ ମାମଲା ଠାରୁ ଆରମ୍ଭ କରି କ୍ରୋନିକ୍ ରୋଗ ଏବଂ ମହାମାରୀ ବିପଦ ପର୍ଯ୍ୟନ୍ତ ଆମ ଲୋକଙ୍କ ବଢୁଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ଆମେ ସମଗ୍ର ଓଡ଼ିଶାରେ ଆମର ସ୍ୱାସ୍ଥ୍ୟସେବା କ୍ଷମତାର ଏକ ବଡ଼ ସମ୍ପ୍ରସାରଣ ଆରମ୍ଭ କରୁଛୁ । ଆମେ ଆମର ମେଡିକାଲ କଲେଜ, ଜିଲ୍ଲା ମୁଖ୍ୟାଳୟ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୫ ହଜାର IPD ଶଯ୍ୟା ଯୋଡିବୁ । SCB ମେଡିକାଲ କଲେଜ ଓ ହସ୍ପିଟାଲ ରେ ୧ ହଜାର ୮ ଶହ IPD ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା କରିବୁ । ଗୁରୁତର ରୋଗୀଙ୍କ ଜୀବନ ରକ୍ଷାକାରୀ ସହାୟତା ପାଇଁ ଆମେ ଭେଣ୍ଟିଲେଟର ଏବଂ କେନ୍ଦ୍ରୀୟ ତଦାରଖ ସୁବିଧା ସହିତ

ସଜ୍ଜିତ ୧ ହଜାର ଉନ୍ନତ ଆଇସିୟୁ ଏବଂ ୫ ଶହ ହାଇ ଡିପେଣ୍ଡେନ୍ସି ୟୁନିଟ୍ (HDU) ଶଯ୍ୟା ସ୍ଥାପନ କରିବୁ । ଏହା କେବଳ ଭିତ୍ତିଭୂମି ବିଷୟରେ ନୁହେଁ; ଆମେ ଏହି ୟୁନିଟ୍‌ଗୁଡ଼ିକୁ ଚାଲୁ କରିବା ପାଇଁ ଆବଶ୍ୟକ ବିଶେଷଜ୍ଞ ଡାକ୍ତର, ନର୍ସ ଏବଂ ଟେକ୍ନିସିଆନଙ୍କୁ ମଧ୍ୟ ମଞ୍ଜୁର କରୁଛୁ । ଏଥିନିମନ୍ତେ ନୂତନ ଡାଏଲିସିସ୍ ୟୁନିଟ୍ ଓ ଅତ୍ୟାଧୁନିକ ବାୟୋମେଡିକାଲ୍ ଉପକରଣ ସଂଗ୍ରହ କରୁଛୁ । ଯାହା ଡାକ୍ତରଖାନା ଭିଡ଼କୁ ହ୍ରାସ କରିବ ଓ ଆମର ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ମଜବୁତ କରି ଏବଂ ଆମ ରାଜ୍ୟର ପ୍ରତ୍ୟେକ ନାଗରିକଙ୍କ ପାଇଁ ବିଶ୍ୱ ସ୍ତରୀୟ କ୍ରିଟିକାଲ କେୟାର ମେରୁଦଣ୍ଡ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିପାରିବେ ।

**48.** ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (GJAY) ଏବଂ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (AB PMJAY)ର ସମନ୍ୱିତ କାର୍ଯ୍ୟାନ୍ୱୟନ ମାଧ୍ୟମରେ, ଆମେ ବର୍ତ୍ତମାନ ୨୯ ହଜାରରୁ ଅଧିକ ତାଲିକାଭୁକ୍ତ ସରକାରୀ ଏବଂ ଘରୋଇ ଚିକିତ୍ସାଳୟର ଏକ ଦେଶବ୍ୟାପୀ ନେଟୱାର୍କ ଜରିଆରେ ୧.୦୩ କୋଟି ପରିବାରର ପ୍ରାୟ ୩.୪୬ କୋଟି ବ୍ୟକ୍ତିଙ୍କୁ ସୁନିଶ୍ଚିତ ଏବଂ ନଗଦବିହୀନ ସ୍ୱାସ୍ଥ୍ୟସେବା ପ୍ରଦାନ କରୁଛୁ । ବର୍ଷ ୨୦୨୬-୨୭ ପାଇଁ, ମୁଁ ଏହି ଯୋଜନାଗୁଡ଼ିକ ନିମନ୍ତେ ୪ ହଜାର ୨ ଶହ ୭୯ କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ କରୁଛି ।

**49.** ଜାତୀୟ ସ୍ୱାସ୍ଥ୍ୟ ମିଶନ (NHM) ଅଧୀନରେ, ଆମ ସରକାର ମାଗଣା ଔଷଧ, ରୋଗ ନିରୂପଣ (ଡାଇଗ୍ନୋଷ୍ଟିକ), ଡାଏଲିସିସ୍, ରକ୍ତ ଏବଂ ଆମ୍ବୁଲାନ୍ସ ସେବାର ସମ୍ପ୍ରସାରଣ କରି ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରୁଛନ୍ତି । ଏହା ସହିତ, "**ନିରାମୟ**" ଯୋଜନା ଅଧୀନରେ, ଔଷଧ ବିତରଣ କେନ୍ଦ୍ରଗୁଡ଼ିକର ଏକ ସମ୍ପ୍ରସାରିତ ନେଟୱାର୍କ ମାଧ୍ୟମରେ ମାଗଣା ଔଷଧ, ଶଲ୍ୟ ଚିକିତ୍ସା ଏବଂ ସ୍ୟୁଚର (suture) ସାମଗ୍ରୀ, ଟିକା, କର୍କଟ ନିରୋଧୀ ଔଷଧ ଏବଂ ରକ୍ତ ଜନିତ ସାମଗ୍ରୀ ପ୍ରଦାନ କରାଯାଉଛି । ୨୦୨୬-୨୭ ପାଇଁ, ମୁଁ ଜାତୀୟ ସ୍ୱାସ୍ଥ୍ୟ ମିଶନ (NHM) ରେ **୧ ହଜାର ୯ ଶହ**

**୫୮ କୋଟି ଟଙ୍କା** ଏବଂ "**ନିରାମୟ**" ଯୋଜନାରେ **୭ ଶହ ୮୬ କୋଟି ଟଙ୍କାର** ବ୍ୟୟବରାଦ ପ୍ରସ୍ତାବ ଦେଉଛି ।

**50.** ଅତ୍ୟାବଶ୍ୟକ ସେବାଗୁଡିକର ସୁଲଭତାକୁ ଆହୁରି ସୁଦୃଢ଼ କରିବା ପାଇଁ, 'ନିଦାନ' (NIDAN) ଜରିଆରେ ମାଗଣା ରୋଗ ନିରୂପଣ ଏବଂ ଡାୟାଲିସିସ୍ ସେବା ପ୍ରଦାନ କରାଯାଉଛି, ଯେଉଁଥିରେ ସିଟି ସ୍କାନ (CT scan), ଏମଆରଆଇ (MRI) ଏବଂ ଏକ୍ସ-ରେ (X-ray) ଭଳି ଉଚ୍ଚମାନର ପରୀକ୍ଷାଗୁଡ଼ିକ ପାଇଁ ଉପଭୋକ୍ତା ଶୁଳ୍କ ସମ୍ପୂର୍ଣ୍ଣ ଛାଡ଼ କରାଯାଇଛି । ବର୍ଷ ୨୦୨୬-୨୭ ପାଇଁ, ମୁଁ 'ନିଦାନ' ପାଇଁ **୩ ଶହ ୭୧ କୋଟି** ଟଙ୍କା, ଜରୁରୀକାଳୀନ ଚିକିତ୍ସା ଆମ୍ବୁଲାନ୍ସ ସେବା (EMAS) ପାଇଁ **୧ ଶହ ୯୮ କୋଟି** ଟଙ୍କା, ଏବଂ ଆଶାକର୍ମୀଙ୍କ କଲ୍ୟାଣ ନିମନ୍ତେ 'ସ୍ୱାସ୍ଥ୍ୟ ସହାୟ' ଯୋଜନା ଅଧୀନରେ **୧ ଶହ ୮୩ କୋଟି** ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ଦେଉଛି ।

**51. 'ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ'** ପ୍ରତ୍ୟେକ ନାଗରିକଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଓଡ଼ିଶାର ସ୍ୱାସ୍ଥ୍ୟ ଭିତ୍ତିଭୂମିର ସମ୍ପ୍ରସାରଣ ଏବଂ ଆଧୁନିକୀକରଣ ନିମନ୍ତେ ଏକ ପ୍ରମୁଖ ପଦକ୍ଷେପ ଭାବେ କାର୍ଯ୍ୟ କରୁଛି । ଏହି ମିଶନରେ କଟକର SCB ଏବଂ ବୁର୍ଲାର VIMSAR ପରି ପ୍ରମୁଖ ଅନୁଷ୍ଠାନଗୁଡ଼ିକର ବ୍ୟାପକ ପୁନର୍ବିକାଶ ସହିତ ବହୁ ସଂଖ୍ୟକ ଆବାସିକ ଏବଂ ଅଣ-ଆବାସିକ ସୁବିଧାଗୁଡ଼ିକର ନିର୍ମାଣ ଅନ୍ତର୍ଭୁକ୍ତ । ଏହା ବ୍ୟତୀତ, ତୃଣମୂଳ ସ୍ତରରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ ସରକାର ଗ୍ରାମ ପଞ୍ଚାୟତ ସ୍ତରରେ ନୂତନ ଉପଖଣ୍ଡ ଚିକିତ୍ସାଳୟ (SDH), ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (CHC) ଏବଂ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରଗୁଡ଼ିକର ଏକ ସୁଦୃଢ଼ ନେଟୱାର୍କ ସ୍ଥାପନ କରୁଛନ୍ତି । ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଦିଆଯାଇଥିବା ରଣନୈତିକ ପ୍ରାଥମିକତାକୁ ପ୍ରତିଫଳିତ କରି, ମୁଁ ୨୦୨୬-୨୭ ବଜେଟରେ ଏହି ମିଶନ ପାଇଁ ପାଇଁ **୫ ହଜାର ୮ କୋଟି** ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରଖୁଛି ।

**52.** ୨୦୨୬-୨୭ ବଜେଟରେ ନୂତନ ଏବଂ ପ୍ରମୁଖ ପଦକ୍ଷେପଗୁଡ଼ିକର ଏକ ଅଂଶ ସ୍ୱରୂପ, ଆମ ସରକାର ସମଗ୍ର ରାଜ୍ୟରେ ତୃତୀୟ ସ୍ତରୀୟ (tertiary) ସ୍ୱାସ୍ଥ୍ୟ ଭିତ୍ତିଭୂମିର ବ୍ୟାପକ ଉନ୍ନତିକରଣ ଉପରେ ଅଧିକ ଗୁରୁତ୍ୱାରୋପ କରିଛନ୍ତି । ମୁଁ କଟକର ଏସସିବି (SCB) ମେଡିକାଲ କଲେଜର ପୁନର୍ବିକାଶ ପାଇଁ **୧ ହଜାର କୋଟି ଟଙ୍କା** ଏବଂ ବ୍ରହ୍ମପୁରର ଏମକେସିଜି (MKCG) ମେଡିକାଲ କଲେଜ ତଥା ବୁର୍ଲାର ଭିମସାର (VIMSAR) ର ପୁନର୍ବିକାଶ ପାଇଁ **୬ ଶହ କୋଟି** ଟଙ୍କାର ବ୍ୟୟବରାଦ ପ୍ରସ୍ତାବ କରୁଛି । ଗୁଣାତ୍ମକ ଚିକିତ୍ସା ଶିକ୍ଷାର ସମ୍ପ୍ରସାରଣ ଏବଂ ଆୟୁଷ (AYUSH) ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ମୁଁ ଗଜପତି, ମାଲକାନଗିରି ଏବଂ ରାୟଗଡ଼ାରେ ତିନୋଟି ନୂତନ ଆୟୁର୍ବେଦିକ ମେଡିକାଲ କଲେଜ ଏବଂ ନୟାଗଡ଼ ଏବଂ ନୂଆପଡ଼ାରେ ଦୁଇଟି ନୂତନ ହୋମିଓପାଥି ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ୧ ଶହ ୪୦ କୋଟି ଟଙ୍କାର ପ୍ରସ୍ତାବ ରଖିଛି । ଏହା ବ୍ୟତୀତ ପ୍ରାଥମିକ ସ୍ୱାସ୍ଥ୍ୟସେବା ପ୍ରସାରକୁ ସୁଦୃଢ଼ କରିବା ଲାଗି, ମୁଁ ସାରା ରାଜ୍ୟରେ ୧ ହଜାର ୮ ଶହ ୭ ଟି ଅତିରିକ୍ତ ଉପ-କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ **୧ ଶହ ୭୬ କୋଟି** ଟଙ୍କାର ପ୍ରସ୍ତାବ ରଖୁଛି ।

**53.** ଏହାବ୍ୟତୀତ, ସ୍ୱତନ୍ତ୍ର ଜରୁରୀକାଳୀନ ଚିକିତ୍ସା ଏବଂ ପୁନଃ ଥଇଥାନ ସେବା ଯୋଗାଇ ଦେବା ପାଇଁ ମୁଁ ପୁରୀ, ବୁର୍ଲା, କୋରାପୁଟ, ବ୍ରହ୍ମପୁର ଏବଂ କ୍ୟାପିଟାଲ ହସ୍ପିଟାଲରେ ଉତ୍ସର୍ଗୀକୃତ ବର୍ଣ୍ଣ ୟୁନିଟ୍ (Burn Units) ପ୍ରତିଷ୍ଠା ନିମନ୍ତେ ୨୦୨୬-୨୭ ବଜେଟରେ ୨ ଶହ କୋଟି ଟଙ୍କା ବ୍ୟୟବରାଦ ପ୍ରସ୍ତାବ କରୁଛି । ଅଗ୍ନି ନିରାପତ୍ତା ଏବଂ ସୌର ଶକ୍ତି ସ୍ଥାପନ ପାଇଁ ମୁଁ ଏହି ବଜେଟରେ **୪ ଶହ ୭୩ କୋଟି** ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରଖିଛି ।

**54.** ଏହାବ୍ୟତୀତ, ମୁଁ ଏକ ନୂତନ ଯୋଜନା "**ଅଟଳ ରକ୍ତ ଦାନ ଅଭିଯାନ**" ଆରମ୍ଭ କରିବାକୁ ପ୍ରସ୍ତାବ ଦେଉଛି, ଯେଉଁଥିରେ ସମସ୍ତ ମେଡିକାଲ କଲେଜରେ ରକ୍ତ ଭଣ୍ଡାର ପ୍ରତିଷ୍ଠା, ରାଜ୍ୟର ସମସ୍ତ ରକ୍ତ ଭଣ୍ଡାରର ଉନ୍ନତିକରଣ ଏବଂ ଆଧୁନିକୀକରଣ,

୫୦ ଟି ଭ୍ରାମ୍ୟମାଣ (Mobile) ରକ୍ତ ସଂଗ୍ରହ ୟୁନିଟ୍ର ବ୍ୟବସ୍ଥା ଏବଂ ପ୍ଲାଜ୍ମା ଫ୍ରାକସନେସନ୍ (plasma fractionation) କେନ୍ଦ୍ର ପ୍ରତିଷ୍ଠା ଅନ୍ତର୍ଭୁକ୍ତ । ରକ୍ତ ପ୍ଲାଜମାରେ ଥିବା ଗୁରୁତ୍ୱପୂର୍ଣ୍ଣ ପ୍ରୋଟିନ୍‌ଗୁଡ଼ିକର ରାଜ୍ୟ ମଧ୍ୟରେ ଉତ୍ପାଦନ ପାଇଁ ପ୍ଲାଜ୍ମା ଫ୍ରାକସନେସନ୍ କେନ୍ଦ୍ର ପ୍ରତିଷ୍ଠା କରାଯିବ, ଯାହାଦ୍ୱାରା ଆମଦାନୀ ନିର୍ଭରଶୀଳତା ହ୍ରାସ ପାଇବ, ବଳକା ପ୍ଲାଜ୍ମାର ସର୍ବୋତ୍ତମ ବିନିଯୋଗ ସୁନିଶ୍ଚିତ ହେବ ଏବଂ ସମଗ୍ର ଓଡ଼ିଶାରେ ଗୁରୁତର ତଥା ଜରୁରୀକାଳୀନ ଚିକିତ୍ସା ସେବା ସୁଦୃଢ଼ ହେବ ।

**55.** ସ୍ନାତକୋତ୍ତର ଚିକିତ୍ସା ଶିକ୍ଷାକୁ ସୁଦୃଢ଼ କରିବା ଲାଗି ଆମ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି ଯାହା ଦ୍ୱାରା ସମସ୍ତ ଜିଲ୍ଲା ଏବଂ ମେଡ଼ିକାଲ କଲେଜଗୁଡ଼ିକରେ ବିଶେଷଜ୍ଞ ସେବାର ଉପଲବ୍ଧତା ସୁନିଶ୍ଚିତ ହେବ ଏବଂ ଆଗାମୀ ଦୁଇ ବର୍ଷ ମଧ୍ୟରେ ୫୦୦ ଟି ପିଜି ସିଟ୍ ବୃଦ୍ଧି କରିବା ଲାଗି ମୁଁ ପ୍ରସ୍ତାବ ରଖିଛି । ଯେଉଁ ଜିଲ୍ଲାଗୁଡ଼ିକରେ ଏଭଳି ସରକାରୀ ସୁବିଧା ଉପଲବ୍ଧ ନାହିଁ, ସେଠାରେ ନର୍ସିଂ, ପାରାମେଡିକାଲ ଏବଂ ଆନୁସଙ୍ଗିକ ସ୍ୱାସ୍ଥ୍ୟ ପାଠ୍ୟକ୍ରମ ଆରମ୍ଭ କରିବାକୁ ମଧ୍ୟ ମୁଁ ପ୍ରସ୍ତାବ ଦେଉଛି ।

**56.** କର୍କଟ ରୋଗ ରାଜ୍ୟରେ ଏକ ଉଦୀୟମାନ ଜନସ୍ୱାସ୍ଥ୍ୟ ଆହ୍ୱାନ ଭାବେ ଉଭା ହୋଇଛି, ଯାହା ଅନେକଙ୍କୁ ରୋଗାକ୍ରାନ୍ତ କରି ମୃତ୍ୟୁର କାରଣ ସାଜିଛି । ଉତ୍ସର୍ଗୀକୃତ କର୍କଟ ଚିକିତ୍ସା ସେବା ସୁନିଶ୍ଚିତ କରିବା ପାଇଁ, କର୍କଟ ଚିକିତ୍ସା କେନ୍ଦ୍ରଗୁଡ଼ିକ ମାଧ୍ୟମରେ ରୋଗର ଆଗୁଆ ଚିହ୍ନଟ, ସମୟୋଚିତ ଚିକିତ୍ସା, ବ୍ୟକ୍ତିଗତ ଯତ୍ନ ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳର ଉପଲବ୍ଧତା ଆବଶ୍ୟକ । ଏଭଳି କେନ୍ଦ୍ରଗୁଡ଼ିକ ଅଙ୍କୋଲୋଜି କ୍ଷେତ୍ରରେ ଗବେଷଣା ଏବଂ ନବସୃଜନକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ | ତଦନୁଯାୟୀ, ମୁଁ ପ୍ରଚଳିତ ଓଡ଼ିଶା କର୍କଟ ଚିକିତ୍ସା ଯୋଜନା (OCCP)କୁ **'ମୁଖ୍ୟମନ୍ତ୍ରୀ କର୍କଟ ଚିକିତ୍ସା ଅଭିଯାନ'** ଭାବେ ରୂପାନ୍ତରିତ କରିବାକୁ ପ୍ରସ୍ତାବ ଦେଉଛି । ବ୍ୟାପକ ଗୋଷ୍ଠୀ ସଚେତନତା, ବ୍ୟାପକ ଗ୍ରାମ ସ୍ତରରେ ସ୍କ୍ରିନିଂ ଏବଂ ଭ୍ରାମ୍ୟମାଣ ଶିବିର,

କର୍କଟ ପଞ୍ଜିକରଣ, ଆଗୁଆ ଚିକିତ୍ସା ପାଇଁ ଏକ ଡିଜିଟାଲ୍ 'ହବ୍-ଆଣ୍ଡ-ସ୍ପୋକ୍' (hub-and-spoke) ମଡେଲ ଏବଂ ମାଗଣା ରୋଗୀ ପରିବହନ ସେବା ନିମନ୍ତେ ଏହି କାର୍ଯ୍ୟକ୍ରମ ପାଇଁ ମୁଁ ୩ ଶହ ୧୧ କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ କରୁଛି ।

**57.** ପୂର୍ବ ବଜେଟରେ ଦିଆଯାଇଥିବା ପ୍ରତିଶ୍ରୁତି ଅନୁଯାୟୀ, ଆମ ସରକାର ପ୍ରତ୍ୟେକ ପଞ୍ଚାୟତରେ ଅତିକମରେ ଗୋଟିଏ 'ଆୟୁଷ୍ମାନ ଆରୋଗ୍ୟ ମନ୍ଦିର' କାର୍ଯ୍ୟକ୍ଷମ କରିବେ ଏବଂ ୨୦୨୬-୨୭ ବଜେଟ୍ ଅଟକଳରେ ଏଥିପାଇଁ ପର୍ଯ୍ୟାପ୍ତ ପାଣ୍ଠିର ବ୍ୟବସ୍ଥା କରାଯାଇଛି । ସାମଗ୍ରିକ ଏବଂ ପ୍ରତିଷେଧକ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ପାଇଁ ଆମେ ଓଡିଶାର ସମସ୍ତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଆୟୁଷ ଔଷଧର ଉପଲବ୍ଧତା ସୁନିଶ୍ଚିତ କରିବାକୁ ମଧ୍ୟ ପ୍ରସ୍ତାବ ଦେଉଛୁ । ଏହାବ୍ୟତୀତ, ଶିକ୍ଷା, ଗବେଷଣା ଏବଂ ମାନବ ସମ୍ବଳର ଉପଲବ୍ଧତାକୁ ସୁଦୃଢ଼ କରିବା ପାଇଁ ୨୦୨୭ସୁଦ୍ଧା ଆୟୁଷ ବ୍ୟବସ୍ଥା ଅଧୀନରେ ସ୍ନାତକ ଏବଂ ସ୍ନାତକୋତ୍ତର ସିଟ୍ ସଂଖ୍ୟା ବୃଦ୍ଧି କରିବାକୁ ମୁଁ ପ୍ରସ୍ତାବ ଦେଉଛି । ଏଥିଲାଗି ୨୦୨୬-୨୭ ବଜେଟ୍ ଅଟକଳରେ ୧ ଶହ ୨୪ କୋଟି ଟଙ୍କାର ବ୍ୟୟବରାଦ ପାଇଁ ମୁଁ ପ୍ରସ୍ତାବ ଦେଉଛି । ଯୋଗର ପ୍ରସାର ଓ ପ୍ରଭାବ ବଢ଼ାଇବା ଲାଗି ବର୍ତ୍ତମାନ ୮ ଟି ଯୋଗ ଅଧିବେଶନକୁ ବୃଦ୍ଧିକରି ମାସକୁ ୨୦ଟି ଶିକ୍ଷାମୂଳକ ଅଧିବେଶନ କରିବା ଲାଗି ପ୍ରସ୍ତାବ ଦିଆଯାଇଛି।

**58.** ଉନ୍ନତ ଗବେଷଣା ଓ ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହନ ଦେବା ପାଇଁ ଏକ ଉତ୍ସର୍ଗୀକୃତ ଓଡ଼ିଶା ଫାର୍ମା ଏବଂ ବାୟୋଟେକ ଗବେଷଣା ଏବଂ ନବସୃଜନ କେନ୍ଦ୍ର ଆରମ୍ଭ କରାଯିବ, ଯାହା କର୍କଟରୋଗ ବିଜ୍ଞାନ ଗବେଷଣା, ବାୟୋଲୋଜିକ୍ସ ବିକାଶ, ଚେରମୂଳୀ ଔଷଧର ମାନକୀକରଣ, ଉନ୍ନତ ଥେରାପି ଉତ୍ପାଦ, ଚିକିତ୍ସା ଉପକରଣ ଉଦ୍ଭାବନ ଏବଂ ଶିଳ୍ପ-ଶିକ୍ଷାନୁଷ୍ଠାନ ସହଭାଗିତାକୁ ସହାୟତା ଯୋଗାଇ ଦେବ ।

**59.** ଡିଜିଟାଲ ଡ୍ରଗ୍ ଟ୍ରେସେବିଲିଟି ଏବଂ ସର୍ଭେଇଲାନ୍ସ ସିଷ୍ଟମ କାର୍ଯ୍ୟକାରୀ କରିବା ସହିତ ଆଧୁନିକ ବିଶ୍ଳେଷଣାତ୍ମକ କ୍ଷମତା ବିଶିଷ୍ଟ ଏବଂ ଏନ.ଏ.ବି.ଏଲ ମାନ୍ୟତା ପ୍ରାପ୍ତ ଏକ ଉନ୍ନତ ରାଜ୍ୟ ଔଷଧ ପରୀକ୍ଷଣ ଏବଂ ଗବେଷଣା ପରୀକ୍ଷାଗାରର ଉନ୍ନତିକରଣ ପାଇଁ ମୁଁ ପ୍ରସ୍ତାବ ଦେଉଛି । ଏହି ପଦକ୍ଷେପଗୁଡିକ ନିୟାମକ ତଦାରଖକୁ ମଜବୁତ କରି ଔଷଧ ଏବଂ ଚିକିତ୍ସା ଉପକରଣର ଗୁଣବତ୍ତା ସୁନିଶ୍ଚିତ କରିବା ସହ ପ୍ରବର୍ତ୍ତନ ଏବଂ ନିରୀକ୍ଷଣ ବ୍ୟବସ୍ଥା ମାଧ୍ୟମରେ ଜନସ୍ୱାସ୍ଥ୍ୟର  ସୁରକ୍ଷା କରିବ ।

**60.** ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ଔଷଧର ଗୁଣବତ୍ତା ରକ୍ଷା କରିବା ଏବଂ ଯୋଗାଣ ଶୃଙ୍ଖଳର ଅଖଣ୍ଡତା ସୁନିଶ୍ଚିତ କରିବା ଲାଗି ଏକ କେନ୍ଦ୍ରୀୟ Odisha State Medical Corporation Limited ପଣ୍ୟାଗାର ପ୍ରତିଷ୍ଠା ଲାଗି ଘୋଷଣା କରି ମୁଁ ଆନନ୍ଦିତ । ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ଔଷଧ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀର ସଂରକ୍ଷଣ କ୍ଷମତା ବୃଦ୍ଧି ପାଇଁ ଏହା ନିର୍ମାଣ କରାଯିବ ।

**61.** କ୍ରୀଡାର ସୁବିଧା କେବଳ ସହର ମଧ୍ୟରେ ସୀମିତ ନରହି ପ୍ରତ୍ୟେକ ବ୍ଲକ ଏବଂ ପ୍ରତ୍ୟେକ ଆକାଂକ୍ଷୀ କ୍ରୀଡ଼ାବିତଙ୍କ ନିକଟରେ ପହଞ୍ଚାଇବାର ଲକ୍ଷ୍ୟକୁ ସୁନିଶ୍ଚିତ କରିବା ପାଇଁ ଆମେ ସମସ୍ତ ଜିଲ୍ଲାରେ ବ୍ଲକ ସ୍ତରୀୟ ଷ୍ଟାଡିୟମକୁ ସମ୍ପୂର୍ଣ୍ଣ ଏବଂ କାର୍ଯ୍ୟକ୍ଷମ କରିବା ଉପରେ ଧ୍ୟାନ ଦେଉଛୁ । ପାଞ୍ଚ ବର୍ଷ ମଧ୍ୟରେ ମୋଟ ୪ ହଜାର ୧ ଶହ ୨୪ କୋଟି ଟଙ୍କା ବିନିଯୋଗ ସହିତ ତୃଣମୂଳ ସ୍ତରରେ ଅତ୍ୟାଧୁନିକ ପ୍ରଶିକ୍ଷଣ ସୁବିଧା ଯୋଗାଇ ଦିଆଯିବ । ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ, ଆମେ ଭୁବନେଶ୍ୱରର ଗୋଠପାଟଣାଠାରେ ଏକ ଆଧୁନିକ ବିଶ୍ୱ ସ୍ତରୀୟ କ୍ରୀଡ଼ା କମ୍ପ୍ଲେକ୍ସ କାର୍ଯ୍ୟକୁ ତ୍ୱରାନ୍ୱିତ କରିବୁ ।

62. ଯତ୍ନ, ସୁରକ୍ଷା ଏବଂ ପୁନର୍ବାସ ସେବା ପ୍ରସାର ଲାଗି ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ, କିନ୍ନର ଏବଂ ଭିକ୍ଷୁକମାନଙ୍କର ଆବାସିକ ଏବଂ ସହାୟକ ସୁବିଧା ପାଇଁ ମୁଁ **୧ ଶହ ୯ କୋଟି** ଟଙ୍କାର ପ୍ରସ୍ତାବ ରଖୁଛି, ଯେଉଁଥିରେ ସମନ୍ୱିତ ଭିତ୍ତିଭୂମି କମ୍ପ୍ଲେକ୍ସ ପ୍ରତିଷ୍ଠା, ବୃଦ୍ଧାଶ୍ରମ ଏବଂ ବୃଦ୍ଧାବସ୍ଥା ଭିନ୍ନକ୍ଷମ କେନ୍ଦ୍ରଗୁଡ଼ିକର ରକ୍ଷଣାବେକ୍ଷଣ ସାମିଲ ରହିଛି । ଏହା ବ୍ୟତୀତ ମୁଁ ଦିବ୍ୟାଙ୍ଗମାନଙ୍କ କଲ୍ୟାଣ ଏବଂ ସଶକ୍ତିକରଣ ପାଇଁ **୨୨୫ କୋଟି ଟଙ୍କା ଏବଂ** ନିଶାମୁକ୍ତି କାର୍ଯ୍ୟକ୍ରମ ପାଇଁ **୧୬ କୋଟି** ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ଦେଉଛି, ଯାହା ସେମାନଙ୍କ ପୁନର୍ବାସ ଏବଂ ସମାଜର ମୁଖ୍ୟସ୍ରୋତରେ ପୁନଃ-ଏକୀକରଣ କ୍ଷେତ୍ରରେ ସହାୟକ ହେବ ।

63. **ପ୍ରଧାନମନ୍ତ୍ରୀ ଜନ ବିକାଶ କାର୍ଯ୍ୟକ୍ରମ (PMJVK),** ଏକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା (CSS), ହେଉଛି ଏକ କ୍ଷେତ୍ର ବିକାଶ କାର୍ଯ୍ୟକ୍ରମ ଯାହା ଅଧୀନରେ ଚିହ୍ନଟ ହୋଇଥିବା ଅଧିକ ସଂଖ୍ୟାଲଘୁ ସମ୍ପ୍ରଦାୟ ଘନତ୍ୱ ବିଶିଷ୍ଟ ଅଞ୍ଚଳରେ ଗୋଷ୍ଠୀ ଭିତ୍ତିଭୂମି ଏବଂ ମୌଳିକ ସୁବିଧାଗୁଡିକ ସୃଷ୍ଟି କରାଯାଏ । ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଏହି ଯୋଜନା ଅଧୀନରେ **୪ କୋଟି** ଟଙ୍କାର ଅର୍ଥରାଶି ପାଇଁ ପ୍ରସ୍ତାବ ଦିଆଯାଇଛି । ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ମୁସିଲମ୍ ୱାକଫ୍ ବୋର୍ଡର ପ୍ରଶାସନ ପାଇଁ **୫ କୋଟି** ଟଙ୍କା ଏବଂ ୨୦୨୬-୨୭ ପାଇଁ ସଂଖ୍ୟାଲଘୁ ଅର୍ଥନୈତିକ ବିକାଶ ଯୋଜନାଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ **୪୫ ଲକ୍ଷ** ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ଦିଆଯାଇଛି ।

**ମାନନୀୟ ବାଚସ୍ପତି ମହୋଦୟା !**

64. ଦଶନ୍ଧି ଦଶନ୍ଧି ଧରି ଓଡ଼ିଶା କୋଇଲା, ଲୌହ ଖଣିଜ ପଦାର୍ଥ ଏବଂ ଆଲୁମିନିୟମ୍ ଭିତ୍ତିକ ଶିଳ୍ପରେ ନେତୃତ୍ୱ ନେଇ ଭାରତର ଶିଳ୍ପ ଅଭିବୃଦ୍ଧିକୁ ଶକ୍ତି ପ୍ରଦାନ

କରିଆସିଛି । ଆଜି ଭାରତ ସରକାରଙ୍କ ସହଯୋଗରେ ଓଡ଼ିଶା ଶିଳ୍ପ ଖଣିଜ ଆଧାରିତ ଅର୍ଥନୀତିରୁ ମାଇକ୍ରୋଚିପ୍ ଆଧାରିତ ଉନ୍ନତ ଶିଳ୍ପ ଦିଗରେ ଅଗ୍ରସର ହେଉଛି ।

**65.** ଭିତ୍ତିଭୂମି, ନୀତିଗତ ସହାୟତା ଏବଂ ବ୍ୟବସାୟିକ ସୁଗମତା ମାଧ୍ୟମରେ ବୟନ, ଖାଦ୍ୟ ପ୍ରକ୍ରିୟାକରଣ, ଇଲେକ୍ଟ୍ରୋନିକ୍ସ ଏବଂ ସବୁଜ-ଶକ୍ତି ଭଳି ନିଯୁକ୍ତି ସୁଯୋଗ ସୃଷ୍ଟିକାରୀ କ୍ଷେତ୍ରରେ ଓଡିଶା ମୂଲ୍ୟଯୁକ୍ତ ଉତ୍ପାଦନକୁ ପ୍ରୋତ୍ସାହିତ କରିବାକୁ ପ୍ରାଥମିକତା ଦେଉଛି । ୨୦୪୭ ସୁଦ୍ଧା ୧୦ ନିୟୁତ ନିଯୁକ୍ତି ସୃଷ୍ଟି କରିବାକୁ ରାଜ୍ୟ ଲକ୍ଷ୍ୟ ରଖିଛି । ମୁଁ ଶିଳ୍ପ ଏବଂ MSME କ୍ଷେତ୍ର ପାଇଁ ୧ ହଜାର ୯ ଶହ ୭୦ କୋଟି ଟଙ୍କା ବ୍ୟୟ ବରାଦ କରିବାକୁ ପ୍ରସ୍ତାବ ଦେଉଛି, ଯାହା ୨୦୨୩-୨୪ ବର୍ଷର ବ୍ୟୟ ବରାଦ ଠାରୁ ୧.୫ ଗୁଣ ଅଧିକ ଅଟେ ।

**66.** ଓଡ଼ିଶା ଫାର୍ମା ସମ୍ମିଳନୀ ପରେ ଏକ ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତାମୂଳକ ଓ ନବସୃଜନ-ଚାଳିତ ପରିବେଶ ନିର୍ମାଣ ପାଇଁ ଓଡ଼ିଶା ଫାର୍ମାସ୍ୟୁଟିକାଲ ଓ ମେଡିକାଲ ଡିଭାଇସ ନୀତି, ୨୦୨୫ ର ଶୁଭାରମ୍ଭ ହୋଇଥିଲା । ଏହାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ହାଇଦ୍ରାବାଦ ଓ କୋଲକାତା ଠାରେ ଦୁଇଟି ଉଚ୍ଚସ୍ତରୀୟ ଗୋଲଟେବୁଲ୍ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ଶୀର୍ଷ ଶିଳ୍ପପତିମାନଙ୍କ ସହିତ ଆଲୋଚନା କରାଯାଇ ରାଜ୍ୟରେ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିବାକୁ ଆମନ୍ତ୍ରଣ କରାଯାଇଥିଲା । ଏହି ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ଇଡକୋ ଦ୍ୱାରା ଦୁଇଟି ଉତ୍ସର୍ଗୀକୃତ ପାର୍କ ବିକଶିତ ହେବ - ନୟାଗଡ଼ରେ ଏକ ୫ ଶହ ଏକର ବିଶିଷ୍ଟ ଓଡ଼ିଶା ଫାର୍ମା ପାର୍କ ଏବଂ ଖୋର୍ଦ୍ଧାଠାରେ ୨୦୦ ଏକର ବିଶିଷ୍ଟ ଓଡ଼ିଶା ମେଡଟେକ୍ ପାର୍କ । ଫଳସ୍ୱରୂପ, ଓଡିଶା ପୂର୍ବ ଭାରତର ପ୍ରମୁଖ ଜୀବ ବିଜ୍ଞାନ କେନ୍ଦ୍ର ଭାବରେ ପ୍ରତିଷ୍ଠିତ ହେବ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ।

**67.** ରାଜ୍ୟରେ ଦ୍ରୁତ ଶିଳ୍ପାୟନ ଯୋଗୁଁ ସମଗ୍ର ଓଡ଼ିଶାରେ ଏକାଧିକ ବୃହତ୍ ଶିଳ୍ପ କ୍ଲଷ୍ଟର ସୃଷ୍ଟି ହେଉଛି । ପର୍ଯ୍ୟାପ୍ତ ଭୌତିକ, ସାମାଜିକ ଏବଂ ନାଗରିକ ଭିତ୍ତିଭୂମି ସହିତ ଉତ୍ତମ ସେବା, ବାସଯୋଗ୍ୟ ଏବଂ ଅନ୍ତର୍ଭୂକ୍ତ ଶିଳ୍ପ ଟାଉନସିପ୍ ସୃଷ୍ଟି କରି ଉଦୀୟମାନ ଶିଳ୍ପ କ୍ଲଷ୍ଟରଗୁଡିକର ଚାରିପାଖରେ ଯୋଜନାବଦ୍ଧ ଏବଂ ସଂଗଠିତ ଅଭିବୃଦ୍ଧିର ଆବଶ୍ୟକତା ରହିଛି, ଯାହା ଦ୍ୱାରା ଅଧିକ ପୁଞ୍ଜି ନିବେଶକୁ ଆକର୍ଷିତ କରିବା ସହ ଶ୍ରମିକମାନଙ୍କ ଜୀବନର ଗୁଣବତ୍ତାରେ ଉନ୍ନତି ଆସିପାରିବ । କାର୍ଯ୍ୟସ୍ଥଳ ନିକଟରେ ବାସିନ୍ଦାଙ୍କ ସାମାଜିକ ଭିତ୍ତିଭୂମି, ଉତ୍ପାଦକତା, ଧାରଣ ଏବଂ ଶ୍ରମିକଙ୍କ ସମ୍ପୂର୍ଣ୍ଣତା ପାଇଁ ଗୁରୁତ୍ୱପୂର୍ଣ୍ଣ । ଏଥିପାଇଁ ଏହି ଯୋଜନା ଅଧୀନରେ ୨୦୨୬-୨୭ ଆର୍ଥିକ ବର୍ଷରେ **୧୦ କୋଟି** ଟଙ୍କାର ବ୍ୟବସ୍ଥା ପ୍ରସ୍ତାବିତ ଅଛି ।

**68.** ଖଣି ପ୍ରଭାବିତ ଅଞ୍ଚଳର ବାସିନ୍ଦାଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବା ପାଇଁ ଏକ ରଣନୈତିକ ପଦକ୍ଷେପ ଭାବରେ ନୂତନ ଯୋଜନା **ସି.ଏମ୍.-ସଂପଦ** ଘୋଷଣା କରି ମୁଁ ଆନନ୍ଦିତ । ଏହା ବିଦ୍ୟମାନ ସାମାଜିକ ଲାଭର ଶତ ପ୍ରତିଶତ ପରିପୂର୍ଣ୍ଣତା ହାସଲ କରିବା, ଅତିରିକ୍ତ ସହାୟତା ସହିତ ବର୍ତ୍ତମାନର ସେବାକୁ ବୃଦ୍ଧି କରିବା ଏବଂ ନୂତନ ସ୍ୱାସ୍ଥ୍ୟ ଏବଂ ଭିତ୍ତିଭୂମି ପ୍ରତିଷ୍ଠା କରିବା ଉପରେ ଧ୍ୟାନ ଦିଏ। ଏକ ବାସ୍ତବ-ସମୟ ଡ୍ୟାସବୋର୍ଡ ଏବଂ ଏକ ବହୁସ୍ତରୀୟ ସମୀକ୍ଷା ବ୍ୟବସ୍ଥାର ଉପଯୋଗ କରି, ଏହା ସମାଜର ଦୁର୍ବଳ ସମ୍ପ୍ରଦାୟକୁ ସ୍ୱାସ୍ଥ୍ୟସେବା, ବିଶୁଦ୍ଧ ଜଳ ଏବଂ ଶିକ୍ଷା ଭଳି ଅତ୍ୟାବଶ୍ୟକ ସେବାର ଉତ୍ତରଦାୟୀ ଏବଂ ପ୍ରଭାବଶାଳୀ ବିତରଣକୁ ସୁନିଶ୍ଚିତ କରିବ ।

**69.** ଓଡିଶା ସାମୁଦ୍ରିକ ବୋର୍ଡ ଏବଂ ପାରାଦୀପ ବନ୍ଦର ପ୍ରାଧିକରଣ ସହଭାଗିତାରେ ୨୨ ହଜାର ୭ ଶହ କୋଟି ଟଙ୍କା ବିନିଯୋଗରେ କେନ୍ଦ୍ରାପଡ଼ାରେ ଏକ ଜାତୀୟ ବୃହତ୍ ଜାହାଜ ନିର୍ମାଣ କ୍ଲଷ୍ଟର ପ୍ରତିଷ୍ଠା କରାଯାଉଛି । ସାଗରମାଳା ଫାଇନାନ୍ସ କର୍ପୋରେସନ୍ ଲିମିଟେଡ୍ ର ୨୧ ହଜାର ୫ ଶହ କୋଟି ଟଙ୍କା ସହାୟତାରେ

ଗଞ୍ଜାମର ବାହୁଡା ମୁହାଣରେ ଏକ ସବୁଦିନିଆ ସାଟେଲାଇଟ୍ ବନ୍ଦର ର୍ନିମାଣ କରାଯାଉଛି । ଆଭ୍ୟନ୍ତରୀଣ କାର୍ଗୋ ପରିବହନରେ ଉନ୍ନତି ଆଣିବା ପାଇଁ ୧୨ ହଜାର ୨ ଶହ କୋଟି ଟଙ୍କା ବିନିଯୋଗରେ ଜାତୀୟ ଜଳପଥ-୫ କାର୍ଯ୍ୟକ୍ଷମ ହେବ । ପୁରୀରେ **୫ ଶହ କୋଟି** ଟଙ୍କା ବ୍ୟୟରେ ଏକ ଆନ୍ତର୍ଜାତୀୟ କ୍ରୁଜ୍ ଟର୍ମିନାଲ୍ ପର୍ଯ୍ୟଟନ ଏବଂ ବିଶ୍ୱ ସଂଯୋଗକୁ ବୃଦ୍ଧି କରିବ ।

**70.** ରାଜ୍ୟ  ରାଜପଥ ଏବଂ ପ୍ରମୁଖ ଜିଲ୍ଲା ସଡ଼କଗୁଡ଼ିକର ଉନ୍ନତିକରଣ କରିବା, ପ୍ରମୁଖ ସେତୁ ନିର୍ମାଣ ଏବଂ ସହରାଞ୍ଚଳରେ ସୁଗମ ଯାତାୟାତ ପାଇଁ ସଡ଼କ ବିକାଶ କାର୍ଯ୍ୟକ୍ରମ ଅଧୀନରେ ମୁଁ ୭ ହଜାର ୫ ଶହ କୋଟି ଟଙ୍କା ବ୍ୟୟବରାଦର  ପ୍ରସ୍ତାବ ରଖିଛି । ଏହି ଯୋଜନା ଅଧୀନରେ ଜୟଦେବ ବିହାର-ନନ୍ଦନକାନନ ରାସ୍ତାର ଉନ୍ନତି, କାଠଯୋଡ଼ି ନଦୀ ଉପରେ ଦ୍ୱିତୀୟ ଉଚ୍ଚସ୍ତରୀୟ ସେତୁ (ସୁବାସ ବୋଷ ସେତୁ) ନିର୍ମାଣ, କେନ୍ଦୁଝର ବାଇପାସ୍ ରୋଡ୍ ନିର୍ମାଣ, ଜାତୀୟ  ରାଜପଥ-୫୩ MCL ଛକରୁ ବୈଜାମୁଣ୍ଡା ଗ୍ରାମ ଛକ ପର୍ଯ୍ୟନ୍ତ ବୁର୍ଲା ରିଙ୍ଗ ରୋଡ୍ ନିର୍ମାଣ, ଭବାନୀପାଟଣା-ଖରିଆର ରାସ୍ତା (SH-୧୬)ର ପ୍ରଶସ୍ତିକରଣ ଓ ସୁଦୃଢ଼ୀକରଣ, ଫୁଲନଖରା-ନିଆଳି-ମାଧବ ରାସ୍ତାର ଉନ୍ନତିକରଣ ଏବଂ ନରସିଂହପୁର ଏବଂ ବାଲିପୁଟ ମଧ୍ୟରେ ମହାନଦୀ ଉପରେ ଏକ HL ସେତୁ ନିର୍ମାଣ ପ୍ରକଳ୍ପ ପାଇଁ ଯଥେଷ୍ଟ ବ୍ୟୟ ବରାଦ କରାଯାଇଛି ।

**71.** ଆଞ୍ଚଳିକ ବିମାନ ସଂଯୋଗକୁ ଆହୁରି ସୁଦୃଢ଼ କରିବା, ଶେଷ ମାଇଲ ପର୍ଯ୍ୟନ୍ତ ପହଞ୍ଚିବା ଏବଂ ପର୍ଯ୍ୟଟନ ଓ ଜରୁରୀକାଳୀନ ସେବା ପାଇଁ ସତୀଭଟା, ଜମାଦାରପାଲି, ଦଣ୍ଡପୋଷ, ରାଇସୁଆଁ, ତୁସୁରା, ଅମର୍ଦ୍ଧା ରୋଡ ଏବଂ ଗୋଡମାରେ ନୂତନ ବିମାନବନ୍ଦରର ବିକାଶ ଏବଂ ନବରଙ୍ଗପୁର, ଫୁଲବାଣୀ, ଓ ତାରାତାରିଣୀଠାରେ ନୂତନ ହେଲିପୋର୍ଟର ବିକାଶ କରାଯାଉଛି । ଏଥିପାଇଁ

୨୦୨୬-୨୭ ଆର୍ଥିକ ବର୍ଷରେ **୫ ଶହ ୧୧ କୋଟି** ଟଙ୍କା ବ୍ୟୟ ବରାଦ ପ୍ରସ୍ତାବିତ ଅଛି ।

**72.** ଓଡିଶାର ରେଳ ପରିବହନ ଇକୋସିଷ୍ଟମକୁ ମଜବୁତ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ନିରନ୍ତର ତଥା ସକ୍ରିୟ ପଦକ୍ଷେପ ଉପରେ ମୁଁ ଆଲୋକପାତ କରିବାକୁ ଚାହେଁ । ରାଜ୍ୟ ସରକାର ବର୍ତ୍ତମାନ ଜୟପୁର-ମାଲକାନଗିରି, ଜୟପୁର-ନବରଙ୍ଗପୁର, ପୁରୀ-କୋଣାର୍କ, ବରଗଡ଼-ନୂଆପଡ଼ା ଏବଂ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ପ୍ରକଳ୍ପ ସମେତ ପ୍ରମୁଖ ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଏବଂ ଏହାର ପ୍ରତିବଦ୍ଧ ଅଂଶ ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ **୪ ଶହ ୫୦ କୋଟି** ଟଙ୍କା ବର୍ଦ୍ଧିତ ବ୍ୟୟ ବରାଦ ପାଇଁ ପ୍ରସ୍ତାବ ଦେଇଛନ୍ତି ।

**73.** ବିକାଶରେ ଆଞ୍ଚଳିକ ଅସନ୍ତୁଳନକୁ ଦୂର କରିବା ପାଇଁ ପଶ୍ଚିମ ଓଡ଼ିଶା ଉନ୍ନୟନ ପରିଷଦ (ଡବ୍ଲ୍ୟୁଓଡିସି) ପାଇଁ ୫୦୦ କୋଟି, ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ (ଏସ୍ଓଡିସି) ଏବଂ ଉତ୍ତର ଓଡ଼ିଶା ବିକାଶ ପରିଷଦ (ଏନ୍ଓଡିସି) ପାଇଁ ୨ ଶହ କୋଟି ଟଙ୍କା ଏବଂ କେବିକେ ଜିଲ୍ଲାରେ ଭିତ୍ତିଭୂମି ବିକାଶ ପାଇଁ ୨ ଶହ ୫୦ କୋଟି ଟଙ୍କା ଆବଣ୍ଟନ କରିବାକୁ ପ୍ରସ୍ତାବ ଦିଆଯାଇଛି। ଏହା ବ୍ୟତୀତ MLALAD ଯୋଜନା ଅଧୀନରେ ୭ ଶହ ୩୫ କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରହିଛି । ଏହା ବ୍ୟତୀତ ୨୦୨୬-୨୭ ଆର୍ଥିକ ବର୍ଷରେ ନିର୍ବାଚନମଣ୍ଡଳୀ ୱାରୀ ଆବଣ୍ଟନ ପାଇଁ ଆଉ ୧ ଶହ ୪୨ କୋଟି ଟଙ୍କା ବ୍ୟୟ ବରାଦ କରିବାକୁ ମୁଁ ପ୍ରସ୍ତାବ ଦେଉଛି । ମୁଁ ଆଶା କରୁଛି, ସମସ୍ତ ମାନ୍ୟବର ବିଧାୟକ ଏହି ପାଣ୍ଠିକୁ ନିଜ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ପ୍ରଭାବଶାଳୀ ଭାବରେ ବ୍ୟବହାର କରିବେ ।

**74.** ସହର ରୂପାନ୍ତରଣ କ୍ଷେତ୍ରରେ ବର୍ତ୍ତମାନ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ପ୍ରବେଶ କରୁଛି । ମୁଁ ସହରାଞ୍ଚଳ ବିକାଶ ଯୋଜନା ଏବଂ ପ୍ରକଳ୍ପ ପାଇଁ ୧୦ ହଜାର

୭ ଶହ ୩୮ କୋଟି ଟଙ୍କା ବିନିଯୋଗ କରିବାକୁ ପ୍ରସ୍ତାବ ଦେଉଛି, ଯାହା ପୂର୍ବ ବର୍ଷର ଆବଣ୍ଟନ ତୁଳନାରେ ୭.୨୫% ଅଧିକ । ନୂତନ ପଦକ୍ଷେପ ଯଥା "ଲିଭେବଲ୍ ସିଟିଜ୍ ମିଶନ"("Liveable Cities Mission") ଓ "ଏଇଟ୍ ମଡେଲ୍ ଇଣ୍ଡଷ୍ଟ୍ରିଆଲ୍ ସିଟିଜ୍ ପ୍ରୋଗ୍ରାମ"("Eight Model Industrial Cities Programme") ଅଧୀନରେ, ୫୦ ରୁ ଅଧିକ ସହରକୁ ଅନ୍ତର୍ଭୁକ୍ତ କରି, ଆମ ସରକାର, ସୁଲଭ ଗୃହ, 24x7 ଜଳ ଯୋଗାଣ, କଠିନ ବର୍ଜ୍ୟବସ୍ତୁ ପରିଚାଳନା, ସାଧାରଣ ପରିବହନ, ଚାଲିବା ଯୋଗ୍ୟ ରାସ୍ତା ଏବଂ ସବୁଜ ଏବଂ ଖୋଲା ସ୍ଥାନର ବ୍ୟବସ୍ଥା କରୁଛନ୍ତି । ଏହି ସବୁ କାର୍ଯ୍ୟ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଚାଲୁଥିବା ଯୋଜନାମାନଙ୍କ ସଂପୂର୍ଣ୍ଣ ଉପଯୋଗ ମାଧ୍ୟମରେ କରାଯିବ ।

**75.** ଗୁରୁତ୍ୱପୂର୍ଣ୍ଣ ସହରୀ ଭିତ୍ତିଭୂମି ବ୍ୟବଧାନକୁ ଦୂର କରିବା ପାଇଁ ମୁଁ, "**ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନରେ**" ୧ ହଜାର ୧ ଶହ ୬୧ କୋଟି ଟଙ୍କା ବ୍ୟୟବରାଦର ପ୍ରସ୍ତାବ ଦେଉଛି । ସହରୀ ଜଳବାୟୁର ସହନଶୀଳତା ନିମନ୍ତେ, ରାଉରକେଲା ସହିତ ଅନ୍ୟ ସହରର, ବର୍ଷା ଜଳ ନିଷ୍କାସନ ଓ ନର୍ଦ୍ଦମା ପ୍ରକଳ୍ପ ପାଇଁ, ୬ ଶହ ୨୦ କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରଖାଯାଇଛି। ନଗର ପରିବହନର ଆଧୁନିକୀକରଣ ନିମନ୍ତେ, ସହରାଞ୍ଚଳ ପରିବହନ ଭିତ୍ତିଭୂମିର ବିକାଶ ସହିତ **ପିଏମ-ଇ-ବସ୍ ସେବା** (PM-e-Bus Sewa) ଯୋଜନାରେ ୩ ଶହ ୭୩ କୋଟି ଟଙ୍କା ବ୍ୟୟବରାଦର ପ୍ରସ୍ତାବ ରଖା ଯାଇଛି ।

**76.** ନଗର ରୂପାନ୍ତରଣକୁ ତ୍ୱରାନ୍ୱିତ କରିବା ପାଇଁ "**ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ମିଶନ**" ନାମରେ ୧ ଶହ କୋଟି ଟଙ୍କାର ବ୍ୟୟବରାଦସହ ଏକ ନୂଆ ଯୋଜନା ଆରମ୍ଭ କରାଯାଉଛି । ଏହି ନୂତନ ପଦକ୍ଷେପ ଅନ୍ୟ ସହରାଞ୍ଚଳ ଭିତ୍ତିଭୂମି ଯୋଜନାର ସମନ୍ୱୟ ଏବଂ ପ୍ରମୁଖ ସହରଗୁଡ଼ିକର ବ୍ୟାପକ ବିକାଶ କରିବା ସହିତ ବାସଯୋଗ୍ୟ ହେବା ପାଇଁ ମୌଳିକ ସହରୀ ସୁବିଧା ଯୋଗାଇଦେବ ।

**77.** ଏହା ସହିତ, "ସମୃଦ୍ଧ ସହର" ଯୋଜନା ଅଧୀନରେ ୩ ଶହ ୨୦ କୋଟି ଟଙ୍କା ବ୍ୟୟବରାଦର ପ୍ରସ୍ତାବ ରଖୁଛି ଦେଉଛି, ଯେଉଁଥିରେ କ୍ଷେତ୍ର ସର୍ଭେ, ରାସ୍ତା ଭିତ୍ତିଭୂମି, ସ୍ୱେରେଜ ଏବଂ ବିଦ୍ୟୁତୀକରଣ ଭଳି ଅତ୍ୟାବଶ୍ୟକୀୟ ଉପଯୋଗିତାକୁ ଅନ୍ତର୍ଭୁକ୍ତ କରି ବ୍ୟାପକ ନଗର ଯୋଜନା, ନୂତନ ସହର ବିକାଶ ଏବଂ ଅଭିବୃଦ୍ଧି ହବ୍ ଭାବରେ ସହର ପାଇଁ ନିବେଶ ଅନ୍ତର୍ଭୁକ୍ତ ଏବଂ ବିଶେଷ ଭାବରେ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କ୍ଷେତ୍ର (BCPPER) ଏବଂ ସମ୍ବଲପୁର ଏବଂ ବ୍ରହ୍ମପୁର ଭଳି ପ୍ରମୁଖ ସହରାଞ୍ଚଳ କ୍ଲଷ୍ଟରଗୁଡ଼ିକୁ ଲକ୍ଷ୍ୟ କରାଯାଉଛି ।

**78.** ସହରାଞ୍ଚଳରେ ସମ୍ପତ୍ତି ପୋଷଣୀୟତା ଏବଂ ଜୀବିକା ସୃଷ୍ଟି ସୁନିଶ୍ଚିତ କରିବା ପାଇଁ, ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନରେ ପାର୍କ ଏବଂ ବ୍ୟାୟାମଶାଳାର ରକ୍ଷଣାବେକ୍ଷଣ ପାଇଁ ସହରାଞ୍ଚଳ ମଜୁରୀ ନିଯୁକ୍ତି ପାଇଁ **୨ ଶହ କୋଟି** ଟଙ୍କା ପ୍ରଦାନ କରାଯାଇଛି ।

**79.** ସହରରେ ସମସ୍ତଙ୍କୁ ସୁରକ୍ଷିତ ପାନୀୟଜଳ ଯୋଗାଇବା ମଧ୍ୟ ଆମ ସରକାରଙ୍କର ପ୍ରାଥମିକତା ଅଟେ । ଏଥିନିମନ୍ତେ, **SUJALA ଓ AMRUT 2.0** ଯୋଜନା ଅଧୀନରେ ସମୁଦାୟ **୧ ହଜାର ୭ ଶହ ୬୭ କୋଟି** ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ଦେଉଛି ।

**80.** ପରିମଳ, ସହରୀ ମର୍ଯ୍ୟାଦାର ମୂଳ ଆଧାର ଅଟେ । ଏକ ସ୍ୱଚ୍ଛ ଓଡ଼ିଶା ଗଢ଼ିବା ପାଇଁ ୭ ଶହ ୧୦ କୋଟି ଟଙ୍କାର ପ୍ରସ୍ତାବ ଦେଉଛି । ଏଥିମଧ୍ୟରୁ, **ସ୍ୱଚ୍ଛ ଓଡ଼ିଶା** ପାଇଁ ୨ ଶହ ୮୦ କୋଟି ଟଙ୍କା ଓ **ସ୍ୱଚ୍ଛ ଭାରତ ମିଶନ** ପାଇଁ ୪ ଶହ ୩୦ କୋଟି ଟଙ୍କା ଉପଲବ୍ଧ ରହିଛି । ଏହା ମାଧ୍ୟମରେ ପୁରୁଣା ବର୍ଜ୍ୟବସ୍ତୁର ଜୈବ ପ୍ରତିକାରକୁ ତ୍ୱରାନ୍ୱିତ କରିବ, ବର୍ଜ୍ୟରୁ ଶକ୍ତି ଉତ୍ପାଦନ ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଭିତ୍ତିଭୂମିର

ଆଧୁନିକୀକରଣ କରିବା ସହିତ ଏକ ସ୍ଥାୟୀ, ସୁସ୍ଥ ଏବଂ ପ୍ରଦୂଷଣମୁକ୍ତ ସହର ନିର୍ମାଣ ହେଇପାରିବ ।

**81.** ସୁଲଭ ଗୃହ ସହରାଞ୍ଚଳ ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଯାହା ଭିଜନ୍ ଡକ୍ୟୁମେଣ୍ଟ - "**Viksit Odisha for Viksit Bharat**" ରେ ପ୍ରତିଫଳିତ ହୋଇଛି । ଏହି ଲକ୍ଷକୁ ହାସଲ କରିବା ପାଇଁ ଆମେ **PMAY-Urban 2.0**. କାର୍ଯ୍ୟକାରୀ କରୁଛୁ । ଏହା ବ୍ୟତୀତ, ଆର୍ଥିକ ଦୁର୍ବଳ ବର୍ଗର ହିତାଧିକାରୀମାନଙ୍କୁ ସୁଲଭ ଗୃହ ଯୋଗାଇଦେବା ନିମନ୍ତେ ଆମେ ଆହୁରି ଅନେକ ପଦକ୍ଷେପ ନେଉଛୁ । ତେଣୁ, ମୁଁ ଏକ ନୂତନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା - ଗୃହ ନିର୍ମାଣ ୟୁନିଟ୍ ବିକାଶ ପାଇଁ ସହରାଞ୍ଚଳ ଲାଭାର୍ଥୀ ସହାୟତା (PMAY-ସହରୀ ବନ୍ଧୁ) ପ୍ରସ୍ତାବ ଦେଉଛି, ଯାହା ଭାରତ ସରକାରଙ୍କ ଯୋଜନାକୁ ପରିପୂରକ କରିବ ଏବଂ ରାଜ୍ୟକୁ ଉକ୍ତ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବ ।

**82.** ଏହି ପରିପ୍ରେକ୍ଷୀରେ, ଏହା ଉଲ୍ଲେଖଯୋଗ୍ୟ ଯେ ଆମେ ସାରା ରାଜ୍ୟରେ PMAY-U 2.0 ଅଧୀନରେ ଯୋଗ୍ୟ ଭୂମିହୀନ ହିତାଧିକାରୀଙ୍କୁ ସୁଲଭ ମୂଲ୍ୟରେ ଆବାସ ଯୋଗାଇବାକୁ ଯୋଜନା କରୁଛୁ । ଏହି ଲକ୍ଷ୍ୟ ହାସଲ କରିବା ଲାଗି ପ୍ରତିବର୍ଷ ଆମ ରାଜ୍ୟର ପ୍ରାୟ ୫୦ ଏକର ଜମି **ଚିହ୍ନଟ** କରି ଏହି ଯୋଜନାକୁ ସଫଳ କରାଯିବ ।

**83.** ଏହି ଉଦ୍ଦେଶ୍ୟ ନିମନ୍ତେ, ମୁଁ ୨୦୨୬-୨୭ ବର୍ଷରେ ଗୃହ ନିର୍ମାଣ ପାଇଁ **୫ ହଜାର ୧ ଶହ ୬୦ କୋଟି** ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରଖିଛି । ଏଥିମଧ୍ୟରୁ **PMAY-G** ଅଧୀନରେ ୨ ହଜାର ୪ ଶହ ୪୫ **କୋଟି ଟଙ୍କା**, **PM-ଜନମନ** ଅଧୀନରେ **୩୦ କୋଟି ଟଙ୍କା**, **PMAY (U) 2.0** ଅଧୀନରେ **୫ ଶହ ୬୫ କୋଟି** ଟଙ୍କା, ଅନ୍ତ୍ୟୋଦୟ ଗୃହ ଯୋଜନା (**Antyodaya Gruha Yojana**)

ଅଧୀନରେ **୨ ହଜାର କୋଟି** ଟଙ୍କା ଏବଂ PMAY Urban Bandhu ଅଧୀନରେ **୧ ଶହ ୨୦ କୋଟି** ଟଙ୍କାର ବ୍ୟୟ ବରାଦ ଅନ୍ତର୍ଭୁକ୍ତ ଅଟେ ।

**84.** ଗୃହ, କୃଷି ଏବଂ ଶିଳ୍ପ ପାଇଁ 24x7 ବିଦ୍ୟୁତ ଯୋଗାଣକୁ ସୁନିଶ୍ଚିତ କରିବା ସହିତ ଉତ୍ପାଦନ କ୍ଷମତାକୁ ମଜବୁତ କରିବା ଏବଂ ସଞ୍ଚାରଣ ଓ ବିତରଣ ବ୍ୟବସ୍ଥାର ଆଧୁନିକୀକରଣ ଏକ ପ୍ରମୁଖ ପ୍ରାଥମିକତା ହୋଇ ରହିଛି । ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଶକ୍ତି କ୍ଷେତ୍ରର ବିଭିନ୍ନ ପ୍ରକଳ୍ପ ନିମନ୍ତେ ମୁଁ **୪ ହାଜର ୫ ଶହ ୫ କୋଟି** ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ଦେଉଛି ।

**85.** ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନା ଅଧୀନରେ ଆମ ସରକାର, ଉଭୟ ବିତରଣ ଏବଂ ସଞ୍ଚାରଣ କ୍ଷେତ୍ରର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହିତ ଅକ୍ଷୟ ଶକ୍ତି ପ୍ରକଳ୍ପ ଏବଂ ସବୁଜ ଶକ୍ତି ପ୍ରକଳ୍ପ ଉପରେ ସହାୟତା ପ୍ରଦାନ କରୁଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ଜାରି ରଖିବା ଏବଂ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ବିତରଣ ପ୍ରଣାଳୀ ସଶକ୍ତିକରଣ ପ୍ରକଳ୍ପ **(ODSSP) ଅଧୀନରେ** ୮ ଶହ **କୋଟି ଟଙ୍କାର ବ୍ୟୟ ବରାଦ** କରାଯାଇଛି ଏବଂ MMSBY ଅଧୀନରେ ସବୁଜ ଶକ୍ତି ସ୍ଥାନାନ୍ତରଣ ଏବଂ ଟ୍ରାନ୍ସମିସନ୍ କରିଡର ପ୍ରକଳ୍ପ ପାଇଁ **୨ ଶହ ୪୯ କୋଟି** ଟଙ୍କାର ବ୍ୟୟ ବରାଦ କରାଯାଇଛି । ପୁନଶ୍ଚ, ମୁଁ ହାଇ-ଭୋଲଟେଜ୍ ଟ୍ରାନ୍ସମିସନ୍ ନେଟୱାର୍କକୁ ସଶକ୍ତ କରିବା ସହିତ ସେଗୁଡିକର ସୁରକ୍ଷିତ ଭବିଷ୍ୟତ ପାଇଁ **୫ ଶହ ୫୦ କୋଟି** ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ଦେଉଛି ।

**86.** ପାରମ୍ପରିକ ଶକ୍ତିର ଦକ୍ଷ ଏବଂ ସ୍ୱଚ୍ଛ ବ୍ୟବହାର ସୁନିଶ୍ଚିତ କରିବା ସହିତ ଅକ୍ଷୟ ଶକ୍ତିର ସମ୍ପ୍ରସାରଣ ଉପରେ ଆମର ଲକ୍ଷ୍ୟ ରହିଛି । **ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ଯୋଜନା ଅଧୀନରେ** ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଗ୍ରୀନ୍ ଆମୋନିଆ ପ୍ରକଳ୍ପର ବିକାଶ ପାଇଁ **୨ ଶହ କୋଟି** ଟଙ୍କା ବ୍ୟୟ ବରାଦ କରାଯାଇଛି । **ପ୍ରଧାନ ମନ୍ତ୍ରୀ ସୂର୍ଯ୍ୟ ଘର**

**ଯୋଜନାକୁ** ପୂରଣ କରିବା ପାଇଁ ଗୃହ ଛାତ ଉପରେ ସୌର ପ୍ରକଳ୍ପ ସ୍ଥାପନ ପାଇଁ, ରାଜ୍ୟ ସରକାର, ଅତିରିକ୍ତ ଆର୍ଥିକ ସହାୟତା ପ୍ରଦାନ କରିବେ । ଏହି ପ୍ରକଳ୍ପରେ ଆର୍ଥିକ ସହାୟତା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା **୪ ଶହ ୯୫ କୋଟି** ଟଙ୍କା ବ୍ୟୟ ବରାଦ କରାଯାଇଛି ।

**87.** ମୁଖ୍ୟମନ୍ତ୍ରୀ ଶକ୍ତି ସଂରକ୍ଷଣ ଅଭିଯାନ ଅଧୀନରେ ଆମ ସରକାର ଶକ୍ତି ବ୍ୟବହାର କୁଶଳତା, ଶକ୍ତି ସଂରକ୍ଷଣ ଏବଂ ଜନ ସଚେତନତାକୁ ପ୍ରୋତ୍ସାହିତ କରିବେ ।

**88.** ଆମ ସରକାର ସମଗ୍ର ରାଜ୍ୟରେ ଏବଂ ରାଜ୍ୟ ବାହାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ, ପ୍ରଚାର ଓ ପ୍ରସାର ନିମନ୍ତେ ସମସ୍ତ ପ୍ରୟାସ କରିବେ । ଏଣୁ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ବ୍ୟୟ ବରାଦର ପରିମାଣ **୬ ଶହ ୧୫ କୋଟି** ଟଙ୍କାକୁ ବୃଦ୍ଧି କରାଯାଇଛି ଯାହାକି ଗତବର୍ଷ ତୁଳନାରେ ଅଧିକ ।

**89.** ୮ ଶହ କୋଟି ଟଙ୍କା ବ୍ୟୟରେ ଭୁବନେଶ୍ୱରରେ ଏକ ଅତ୍ୟାଧୁନିକ ସଂଗ୍ରହାଳୟ ପ୍ରତିଷ୍ଠା  କରାଯିବ ଯାହା ଓଡିଶାର ଐତିହାସିକ, ପ୍ରତ୍ନତାତ୍ତ୍ୱିକ ଏବଂ ମାନବତତ୍ତ୍ୱ ଭିତ୍ତିକ ଐତିହ୍ୟକୁ ପ୍ରଦର୍ଶିତ କରିବ । ଏହା ପର୍ଯ୍ୟଟନ ଓ ସାଂସ୍କୃତିକ ଗବେଷଣାକୁ ନୂଆ ଦିଗ ଦେବା ସହ ଓଡ଼ିଶାର ଯୁବପିଢ଼ି, ଗବେଷକ, ସଂସ୍କୃତିପ୍ରେମୀ ଏବଂ ଓଡିଶା ବାହାରର ଜିଜ୍ଞାସୁମାନଙ୍କୁ ଓଡ଼ିଶାକୁ ଭଲ ଭାବେ ଜାଣିବାରେ ସାହାଯ୍ୟ କରିବ ।

**90.** ଦ୍ୱିତୀୟ ପର୍ଯ୍ୟାୟରେ, ଆମେ "ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା" ଅଧୀନରେ ଆଉ ୨୫ଟି ଗ୍ରାମର ସାମଗ୍ରିକ ବିକାଶ କରିବୁ ଯେଉଁଥିପାଇଁ **୪୦ କୋଟି** ଟଙ୍କା ବ୍ୟୟବରାଦ କରାଯାଇଛି ।

91. ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପକୁ ସାଂସ୍କୃତିକ ଗୌରବର ପ୍ରତୀକ ଭାବେ ସ୍ଥାପିତ କରିବା ଏବଂ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ କ୍ଷେତ୍ରକୁ ଏକ ଜୀବନ୍ତ, ସ୍ଥାୟୀ ଓ ବିଶ୍ୱସ୍ତରରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ଜୀବିକା କ୍ଷେତ୍ରରେ ପରିଣତ କରିବା ଆମର ଲକ୍ଷ୍ୟ । ଦକ୍ଷତା ଉନ୍ନତିକରଣ, ଡିଜାଇନ୍ ଏବଂ ଉତ୍ପାଦ କ୍ଷେତ୍ରରେ ନବସୃଜନ, ପ୍ରଯୁକ୍ତିବିଦ୍ୟା ଉପଯୋଗ ଏବଂ ନିଶ୍ଚିତ ବଜାର ପ୍ରବେଶ ମାଧ୍ୟମରେ ବୁଣାକାର ଏବଂ କାରିଗରମାନଙ୍କୁ ସଶକ୍ତ କରିବା, ସ୍ୱଦେଶୀ ହସ୍ତଶିଳ୍ପର ସୁରକ୍ଷା, ଜିଆଇ ଟ୍ୟାଗ୍ ହୋଇଥିବା ଉତ୍ପାଦ ଏବଂ ପରିବେଶ ଅନୁକୂଳ ଉତ୍ପାଦନ, ମୂଲ୍ୟ ଶୃଙ୍ଖଳକୁ ମଜବୁତ କରିବା, ପରିଚୟ ଗଠନ (ବ୍ରାଣ୍ଡିଂ) ଏବଂ ରପ୍ତାନି, ତତସହିତ ମହିଳା ଏବଂ ଯୁବକମାନଙ୍କ ଅଂଶଗ୍ରହଣ ବୃଦ୍ଧି ଉପରେ ବିଶେଷ ଗୁରୁତ୍ୱାରୋପ ଉପରେ ଆମର ଧ୍ୟାନ ରହିଛି । ଏଥିନିମନ୍ତେ, ମୁଁ **୩ ଶହ ୮୨ କୋଟି** ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରଖୁଛି ।

92. ଅଧିକନ୍ତୁ, ହସ୍ତତନ୍ତ କ୍ଷେତ୍ର ପାଇଁ **ମୁଖ୍ୟମନ୍ତ୍ରୀ ହସ୍ତତନ୍ତ ବିକାଶ ଯୋଜନା** ସହିତ, ମୁଁ ଦୁଇଟି ନୂତନ ଯୋଜନା, ଯଥା - **ମୁଖ୍ୟମନ୍ତ୍ରୀ ବୟନଶିଳ୍ପ ବିକାଶ ଯୋଜନା** ଏବଂ **ମୁଖ୍ୟମନ୍ତ୍ରୀ ରେଶମ ବିକାଶ ଯୋଜନା** ପାଇଁ ପ୍ରସ୍ତାବ ଦେଉଛି ,ଯାହା ୨୦୨୬-୨୭ ଆର୍ଥିକ ବର୍ଷରେ କାର୍ଯ୍ୟକାରୀ ହେବ। ଏଥିନିମନ୍ତେ, ମୁଁ **୧ ଶହ ୨ କୋଟି** ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରଖୁଛି ।

93. ପିପିଲିର ଚାନ୍ଦୁଆ ହେଉଛି ଏକ ଜିଆଇ ଟ୍ୟାଗ୍ ପ୍ରାପ୍ତ ହସ୍ତକଳା ସାମଗ୍ରୀ । ଏହି ରଙ୍ଗୀନ ପାରମ୍ପାରିକ ହସ୍ତଶିଳ୍ପ,ଶ୍ରୀଜଗନ୍ନାଥ ମନ୍ଦିର ପରମ୍ପରା ସହିତ ଦୃଢ ଭାବରେ ଜଡିତ । ଅନେକ ଶିଳ୍ପୀ ପରିବାର ଜୀବିକା ପାଇଁ ଏହା ଉପରେ ନିର୍ଭର କରନ୍ତି । ନୂଆ ଜାତୀୟ ରାଜପଥ ଯୋଗୁଁ ସେମାନଙ୍କ ବଜାର ପର୍ଯ୍ୟଟକଙ୍କ ଦୃଷ୍ଟି ଆଢୁଆଳରେ ରହିଯାଉଛି, ଯାହାଦ୍ୱାରା ପର୍ଯ୍ୟଟକଙ୍କ ଆଗମନ ହ୍ରାସ ପାଉଛି ଏବଂ ବିକ୍ରି ଉପରେ ପ୍ରଭାବ ପଡୁଛି । ତେଣୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଏବଂ ପୁରୁଣା ହସ୍ତଶିଳ୍ପକୁ

ବିକଶିତ କରିବା ପାଇଁ ପିପିଲି ଟୋଲ୍ ପ୍ଲାଜା ନିକଟରେ ସମସ୍ତ ଆଧୁନିକ ସୁବିଧା ସହିତ ଏକ ନୂତନ "**ପିପିଲି ଚନ୍ଦୁଆ ବଜାର**" ନିର୍ମାଣ ପାଇଁ ଆମ ସରକାର ଯୋଜନା କରିଛି ।

94. ଆମ ସରକାର ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭ ସହ ସୁସଂହତ ଏକ ଯୋଜନାବଦ୍ଧ, ସମାବେଶୀ ଏବଂ ପୋଷଣୀୟ ପର୍ଯ୍ୟଟନ ରଣନୀତି ଅନୁସରଣ କରୁଛନ୍ତି । କାର୍ଯ୍ୟକ୍ରମ ଭିତ୍ତିକ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା, ସାମଗ୍ରିକ ଗନ୍ତବ୍ୟସ୍ଥଳ ବିକାଶକୁ ସମର୍ଥ  କରିବା ଏବଂ ଏକ ବିବିଧ ତଥା ପ୍ରତିରୋଧକ୍ଷମ ପର୍ଯ୍ୟଟନ ପୋର୍ଟଫୋଲିଓ ନିର୍ମାଣ କରିବା ଉଦ୍ଦେଶ୍ୟରେ ମୁଁ ପର୍ଯ୍ୟଟନ କ୍ଷେତ୍ର ପାଇଁ ମୋଟ **୧ ହଜାର ୨୩ କୋଟି** ଟଙ୍କାର ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦେଉଛି  ଯାହା ଗତ ବର୍ଷର ଆବଣ୍ଟନ ତୁଳନାରେ ପ୍ରାୟ ୨୫% ଅଧିକ । ପର୍ଯ୍ୟଟନ କ୍ଷେତ୍ରରେ ପୁଞ୍ଜି ବିନିଯୋଗକୁ ଅଧିକ ଆକର୍ଷକ କରିବା, ନୂତନ ପର୍ଯ୍ୟଟନ କ୍ଷେତ୍ରଗୁଡିକୁ ପ୍ରୋତ୍ସାହନ ଏବଂ ନିବେଶକ ପ୍ରୋତ୍ସାହନ ରାଶିର ତ୍ୱରିତ ବିତରଣ  ପାଇଁ ମୁଁ ଓଡ଼ିଶା **ପର୍ଯ୍ୟଟନ (ସଂଶୋଧନ) ନୀତି, ୨୦୨୬** କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ଦେଉଛି  ।

95. **ବିକଶିତ ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭ ଅଧୀନରେ,** ଆତିଥ୍ୟ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ଭିତ୍ତିଭୂମି ପାଇଁ ବୃଦ୍ଧି ପାଉଥିବା ଭୂମି ଆବଶ୍ୟକତାକୁ ପୂରଣ କରିବା ପାଇଁ ଆମେ ଏକ ନୂତନ **ପର୍ଯ୍ୟଟନ ଲ୍ୟାଣ୍ଡ ବ୍ୟାଙ୍କ ଯୋଜନା** ଆରମ୍ଭ କରୁଛୁ  । ୨୦୪୭ ସୁଦ୍ଧା ୫ କୋଟିରୁ ଅଧିକ ଘରୋଇ ଏବଂ ୭ ଲକ୍ଷ ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ଏବଂ ୨୫ ହଜାର ହୋଟେଲ ପ୍ରକୋଷ୍ଠ  ସୃଷ୍ଟି କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ଏଥିପାଇଁ ଅଗ୍ରାଧିକାର  ଭିତ୍ତିରେ ୧୫ଟି ଗନ୍ତବ୍ୟସ୍ଥଳରେ ଜମି ଚିହ୍ନଟ କରାଯାଇ ଇଡକୋ ଦ୍ୱାରା ଯାଞ୍ଚ ଏବଂ ପ୍ରକ୍ରିୟାକରଣ ଚାଲିଛି । ଜମି ଅଧିଗ୍ରହଣ, ପ୍ରିମିୟମ ଦେୟ ପୈଠ  ଏବଂ ପ୍ରାଥମିକ ଭିତ୍ତିଭୂମିର ବିକାଶ ପାଇଁ ୨୦୨୬-୨୭ ଲାଗି  ୧୫୦ କୋଟି ଟଙ୍କା  ବ୍ୟୟ ବରାଦ ହୋଇଛି ।

**96.** ଆମ ସରକାର, ସାଂସ୍କୃତିକ ଅଭିବ୍ୟକ୍ତି, ପର୍ଯ୍ୟଟନ ବିକାଶ, ଜଳବାୟୁ ପରିବର୍ତ୍ତନ ସହନଶୀଳତା ଏବଂ ସ୍ଥାନୀୟ ଲୋକଙ୍କ ଜୀବିକା ଆଧାରରେ ସମ୍ବଲପୁର ଓ କଟକରେ ମହାନଦୀ, ଭୁବନେଶ୍ୱରରେ ଦୟା ନଦୀ, ବାରିପଦାରେ ବୁଢାବଳଙ୍ଗ ଏବଂ ଅନ୍ୟ ଏକ ସ୍ଥାନରେ ବୈତରଣୀ ନଦୀ ତଟ ଏଭଳି ୫ଟି ସ୍ଥାନରେ **ନଦୀ ତଟର ସାମଗ୍ରିକ ବିକାଶ** କରିବେ । ଏଥିପାଇଁ ୫ ଶହ କୋଟି ଟଙ୍କା ପ୍ରକଳ୍ପର ପରିକଳ୍ପନା କରାଯାଇଛି । ଏଥିପାଇଁ ମୁଁ ଗୃହ ଓ ନଗର ଉନ୍ନୟନ ବିଭାଗର କାର୍ଯ୍ୟକ୍ରମ ବଜେଟରେ ୧୦୦ କୋଟି ଟଙ୍କା ଏବଂ ଜଳସମ୍ପଦ ବିଭାଗ ଅଧୀନରେ ୮୦ କୋଟି ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ରଖିଛି ।

**97.** ଆମ ସରକାର ଅଭଡା, ସମଲେଇ, ଏକାମ୍ର ଏବଂ ଅନ୍ୟାନ୍ୟ ମନ୍ଦିର ଏବଂ ଐତିହ୍ୟ ବିକାଶ ପ୍ରକଳ୍ପ ଅଧୀନରେ ଅଟକି ରହିଥିବା କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ କରୁଛନ୍ତି । ଚଳିତ ବର୍ଷ ଆମେ ତାରିଣୀ ପୀଠରେ ଭିତ୍ତିଭୂମି ଉନ୍ନତିକରଣ ଏବଂ ଯୋରନ୍ଦାରେ ମହିମାଗାଦି ନିର୍ମାଣ କାର୍ଯ୍ୟ ହାତକୁ ନେଇଛୁ । କେନ୍ଦ୍ରାପଡ଼ାର ତୁଳସୀକ୍ଷେତ୍ର ଏବଂ ଯାଜପୁରର ବିରଜାକ୍ଷେତ୍ରରେ ମଧ୍ୟ ସମାନ ଢାଞ୍ଚାରେ ଉନ୍ନତି କରାଯିବ । ଏହା ବ୍ୟତୀତ, ଆମେ ଖଲିଆପାଲିରେ ସନ୍ଥ ଭୀମ ଭୋଇଙ୍କ ସମାଧି ପୀଠର ବିକାଶ କରିବୁ ଏବଂ ଏଥିପାଇଁ ୩୫ କୋଟି ଟଙ୍କା ମୂଲ୍ୟର ଏକ ଉତ୍ସର୍ଗୀକୃତ ପ୍ରକଳ୍ପ ଯୋଜନା କରାଯାଇଛି ।

**98.** ଆମ ସରକାର ପୁରୀରେ ଏକ ସାମୁଦ୍ରିକ ଆକ୍ୱାରିୟମ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଛନ୍ତି ଯାହା ପର୍ଯ୍ୟଟକମାନଙ୍କୁ ସେମାନଙ୍କ ରହଣି ପାଇଁ ଉତ୍ସାହିତ କରିବ, ସ୍ଥାନୀୟ ଅଞ୍ଚଳରେ ନିବେଶକୁ ବୃଦ୍ଧି କରିବ ଏବଂ ଆଞ୍ଚଳିକ ଅର୍ଥନୀତିକୁ ସମୃଦ୍ଧ କରିବ ।

**99.** ଗ୍ରାମାଞ୍ଚଳ ଓ ଉଦୀୟମାନ ପର୍ଯ୍ୟଟନସ୍ଥଳରେ ହୋମଷ୍ଟେ ବିକାଶକୁ ପ୍ରୋତ୍ସାହିତ କରିବା, ସ୍ଥାନୀୟ ଜୀବିକା ସୃଷ୍ଟି କରିବା ସହିତ ପରିଦର୍ଶକମାନଙ୍କୁ ପ୍ରାମାଣିକ ଏବଂ ନିମଜ୍ଜିତ ଅନୁଭୂତି ପ୍ରଦାନ କରି ଗୋଷ୍ଠୀଭିତ୍ତିକ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ମୁଁ ଓଡ଼ିଶା ହୋମଷ୍ଟେ ଏଷ୍ଟାବ୍ଲିସମେଣ୍ଟ ସ୍କିମ୍ ନାମକ ଏକ ନୂତନ ପଦକ୍ଷେପ ଲାଗି ମଧ୍ୟ ପ୍ରସ୍ତାବ ଦେଉଛି ।

**100.** ଆମେ ଇକୋ-ଟୁରିଜିମ୍ ଉପରେ ଧ୍ୟାନ ଦେଉଛୁ । ୨୦୨୬-୨୭ ଆର୍ଥିକ ବର୍ଷରେ ବର୍ତ୍ତମାନର ୫୫ ଟି ସ୍ଥାନ ସହିତ କଟକ ଜିଲ୍ଲାର ବାଲିପୁଟ, ମୟୂରଭଞ୍ଜ ଜିଲ୍ଲାର ଶିମଳିପାଳର ନୱାନା ଓ କରଞ୍ଜିଆର ଦେଓକୁ ଆମେ ଆଉ ତିନୋଟି ଗନ୍ତବ୍ୟସ୍ଥଳ ଭାବରେ ଯୋଡ଼ିବୁ । ପରିଦର୍ଶକଙ୍କ ଅନୁଭୂତିକୁ ବିଶ୍ୱ ମାନକ ସହିତ ସମାନ କରିବା ପାଇଁ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ନୂତନ ମାଷ୍ଟରପ୍ଲାନ୍ କାର୍ଯ୍ୟକାରୀ ହେବ ।

**101.** ଜଙ୍ଗଲ ଓ ବନ୍ୟପ୍ରାଣୀ କ୍ଷେତ୍ରରେ ଓଡ଼ିଶାର ଲକ୍ଷ୍ୟ ହେଉଛି ପରିବେଶ ସୁରକ୍ଷା, ଜୈବ ବିବିଧତା ସଂରକ୍ଷଣ ଏବଂ ପ୍ରକୃତି ସହିତ ସମନ୍ୱୟ ରକ୍ଷା କରି ନିରନ୍ତର ଜୀବିକା ହାସଲ କରିବା, ଯାହା ପରିବେଶ ସନ୍ତୁଳନ ରକ୍ଷା ଏବଂ ପରିବେଶ ସହନଶୀଳତା ପାଇଁ ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭ ସହିତ ତାଳମେଳ ଖାଉଛି । ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ପଦକ୍ଷେପ ପାଇଁ **୧ ହଜାର ୯ ଶହ ୬ କୋଟି** ଟଙ୍କା ବ୍ୟୟବରାଦର ମୁଁ ପ୍ରସ୍ତାବ ଦେଉଛି ।

**102.** ଆମର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଐତିହାସିକ ଚାରା ରୋପଣ ପଦକ୍ଷେପ "**ଏକ ପେଡ୍ ମା କେ ନାମ**" ଅଭିଯାନ ସବୁଜିମା ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ମୁକାବିଲା କରି ଉଭୟ ମା ଏବଂ ଧରିତ୍ରୀ ମାତାକୁ ସମ୍ମାନିତ କରିବାକୁ ଲକ୍ଷ୍ୟ ରଖିଛି । ଏହି ଐତିହାସିକ

ବୃକ୍ଷରୋପଣ ଅଭିଯାନର ଏକ ଅଂଶ ଭାବରେ ଚଳିତ ବର୍ଷ ଆମେ ପ୍ରାୟ ୭.୫ କୋଟି ଚାରା ରୋପଣ କରିଛୁ, ଯାହା ରାଜ୍ୟର ସମସ୍ତ ୩୦ ଟି ଜିଲ୍ଲାରେ କରାଯାଇଥିଲା । ଆସନ୍ତା ବର୍ଷ ମଧ୍ୟ ଆମେ ଏହି ମହାନ କାର୍ଯ୍ୟକ୍ରମକୁ ଜାରି ରଖିବୁ ।

**103.** DMF ପାଣ୍ଠି ଏବଂ ରାଜ୍ୟ ବଜେଟରୁ ୯୧ କୋଟି ଟଙ୍କାର ପ୍ରକଳ୍ପ ବ୍ୟୟରେ କେନ୍ଦୁଝର ଜିଲ୍ଲାର ସାନଘାଗରାଠାରେ ଆଞ୍ଚଳିକ ଉଦ୍ଭିଦ ସମ୍ବଳ କେନ୍ଦ୍ରର ଏକ ଉପ-କେନ୍ଦ୍ର ପ୍ରତିଷ୍ଠା ପାଇଁ ମୁଁ ପ୍ରସ୍ତାବ ଦେଉଛି । କେନ୍ଦୁପତ୍ର ତୋଳୁଥିବା ଲୋକଙ୍କ ସୁବିଧା ନିମନ୍ତେ ମୁଁ ପରିମଳ ଏବଂ ପାନୀୟ ଜଳ ସୁବିଧା ପାଇଁ **୧୭ କୋଟି** ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ଦେଉଛି । ଆମେ ଆଗାମୀ ବର୍ଷ ଆମର ପ୍ରୟାସ ଜାରି ରଖିବାକୁ ଯୋଜନା କରୁଛୁ ।

**104.** ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ, ଚିଲିକା ହ୍ରଦରେ ଏକତ୍ରିକରଣ ଏବଂ ପରିବେଶ ଅନୁକୂଳ-ପୁନରୁଦ୍ଧାର କାର୍ଯ୍ୟ ଅଧୀନରେ, ପରିବେଶ ଏବଂ ଭୂ-ରୂପଗତ ଅସ୍ଥିରତାକୁ ଦୂର କରିବା, ଜୁଆର ଯିବା ଆସିବା ପଥ ର ପୁନରୁଦ୍ଧାର, ଲବଣାକ୍ତ ସନ୍ତୁଳନରେ ଉନ୍ନତି ଆଣିବା ଏବଂ ମତ୍ସ୍ୟ ସମ୍ପଦ ପୁନର୍ଜୀବିତ କରିବା ପାଇଁ ଲିଡ୍ ଚ୍ୟାନେଲ, ବାଲୁଗାଁ ଚ୍ୟାନେଲ, ମଗରମୁଖ ଚ୍ୟାନେଲ, ଫେରି ରୁଟ୍ ଏବଂ ପାଲୁର କେନାଲରେ ଖନନ କରାଯିବ ।

**105.** ଆମର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦକ୍ଷ ନେତୃତ୍ୱରେ ଭାରତର ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି, ଭବିଷ୍ୟତ ପାଇଁ ଏକ ଅଭୂତପୂର୍ବ ମୂଳଦୁଆ ସୃଷ୍ଟି କରିଛି । ଓଡ଼ିଶାର ଆଭିମୁଖ୍ୟ ହେଉଛି ଏହି ଜାତୀୟ ସାମର୍ଥ୍ୟକୁ ବୈଶ୍ୱିକ ପ୍ରାସଙ୍ଗିକତା ସହିତ ସ୍ଥାନୀୟ ସ୍ତରରେ କାର୍ଯ୍ୟକାରି କରିବା, ରାଜ୍ୟଗୁଡ଼ିକ କିପରି ନିଯୁକ୍ତି ସୃଷ୍ଟି, ଡିଜିଟାଲ ଏକୀକରଣ ଏବଂ ଦୀର୍ଘକାଳୀନ ନିବେଶ ଆକର୍ଷଣର ନେତୃତ୍ୱ ନେଇପାରିବେ ତାହା ପ୍ରଦର୍ଶିତ କରିବା ।

**106.** ଭାରତ ନେତ୍ର ଯୋଜନା ଅଧୀନରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଏକ ଦୁଇ ଦିନିଆ ବ୍ଲାକ୍ ସ୍ୱାନ୍ ସମ୍ମିଳନୀ ଆୟୋଜିତ ହୋଇଥିଲା। ଭାରତରେ ପ୍ରଥମ ଥର ପାଇଁ ଆୟୋଜିତ ଏହି ସମ୍ମିଳନୀର ଉଦ୍ଦେଶ୍ୟ ହେଉଛି ଓଡ଼ିଶାକୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଫିନଟେକ୍ ଏବଂ ଇନସୁରଟେକ୍ ପାଇଁ ଏକ ଅଭିବୃଦ୍ଧିଶୀଳ ହବ୍ ଭାବରେ ସ୍ଥାନିତ କରିବା ଏବଂ ଭିଜନ୍ ୨୦୩୬-୨୦୪୭ ଲକ୍ଷ୍ୟ ସହିତ ସମନ୍ୱୟ ଆଣିବା । ଏହି କାର୍ଯ୍ୟକ୍ରମରେ ୨୪ ଟି ଦେଶରୁ ୧ ହଜାର ୭ ଶହରୁ ଅଧିକ ପ୍ରତିନିଧି ଏବଂ ପ୍ରାୟ ୧୦୦ ବିଶ୍ୱସ୍ତରୀୟ ବକ୍ତା ଯୋଗ ଦେଇଥିଲେ, ଯାହା ଏହାର ଆନ୍ତର୍ଜାତୀୟ ମହତ୍ୱକୁ ପ୍ରତିଫଳିତ କରୁଛି ।

**107.** ଆମ ରାଜ୍ୟ ଭାରତ ସେମିକଣ୍ଡକ୍ଟର ମିଶନ ପ୍ରୋତ୍ସାହନ ଅଧୀନରେ ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ପୁଞ୍ଜି ନିବେଶ ସବସିଡିର ଅତିରିକ୍ତ ୫୦% ପ୍ରଦାନ କରୁଛି । ଆମେ ପୂର୍ବରୁ SiCsem Pvt. Ltd. ଦ୍ୱାରା ସିଲିକନ୍ କାର୍ବାଇଡ୍ (SiC) ସୁବିଧା ସିଲିକନ କାର୍ବାଇଡ (ଏସଆଇସି) ସୁବିଧା ଏବଂ 3D ଗ୍ଲାସ ସେମିକଣ୍ଡକ୍ଟର ପ୍ଲାଣ୍ଟ ସମେତ ୪ ହଜାର୧୦ କୋଟି ଟଙ୍କାର ମୋଟ ନିବେଶ ସହିତ ପ୍ରମୁଖ ପ୍ରକଳ୍ପକୁ ଆମେ ଅନୁମୋଦନ କରିସାରିଛୁ ।

**108.** ଆମର ଓ-ଚିପ୍ କାର୍ଯ୍ୟକ୍ରମ ରାଜ୍ୟକୁ ଭାରତର ସେମିକଣ୍ଡକ୍ଟର ଡିଜାଇନ୍ ଇକୋସିଷ୍ଟମରେ ଏକ ପ୍ରମୁଖ ଯୋଗଦାନକାରୀ ଭାବରେ ସ୍ଥାନିତ କରୁଛି । ଆମେ ଚଳିତ ବର୍ଷ ଏଥିଲାଗି ୨୬ କୋଟି ଟଙ୍କା ବ୍ୟୟବରାଦ କରିଛୁ ଏବଂ ଉନ୍ନତ ଚିପ୍ ଡିଜାଇନ୍‌କୁ ବଳ ଦେବା, ୫୦ରୁ ଅଧିକ କମ୍ପାନୀ ଗଠନ କରିବା ଏବଂ ୬ ହଜାର ଡିଜାଇନ୍ ନିଯୁକ୍ତି ସୃଷ୍ଟି କରିବା ପାଇଁ ପାଞ୍ଚ ବର୍ଷ ମଧ୍ୟରେ ୧୦୮ କୋଟି ଟଙ୍କା ବ୍ୟୟବରାଦର ଯୋଜନା କରିଛୁ ।

**109.** ଓଡ଼ିଶାର ଲକ୍ଷ୍ୟକୁ ଆଗକୁ ବଢ଼ାଇବା ପାଇଁ ଆମେ ଡିଜିଟାଲ ଭିତ୍ତିଭୂମିକୁ ସୁଦୃଢ଼ କରୁଛୁ । ବର୍ତ୍ତମାନର SDC ର ତିନିଗୁଣ କ୍ଷମତା ବିଶିଷ୍ଟ ଓଡିଶା ରାଜ୍ୟ ଡାଟା ସେଣ୍ଟର 2.0 କାର୍ଯ୍ୟାନ୍ୱୟନ ହେବ । ଏହା ସହିତ କେନ୍ଦୁଝରରେ ଏକ ପ୍ରସ୍ତାବିତ ବିପର୍ଯ୍ୟୟ ପୁନରୁଦ୍ଧାର ତଥା ଡାଟା କେନ୍ଦ୍ର ମଧ୍ୟ କାର୍ଯ୍ୟକାରୀ ହେଉଛି। ମୁଁ ରାଜ୍ୟ ଡାଟା ସେଣ୍ଟର ପାଇଁ ରାଜ୍ୟ ଭିତ୍ତିଭୂମି ଅଧୀନରେ **୪୧ କୋଟି** ଟଙ୍କା ବ୍ୟୟବରାଦ ଲାଗି ପ୍ରସ୍ତାବ ଦେଉଛି ।

**110.** ଏହି କ୍ଷେତ୍ରକୁ ଆବଶ୍ୟକ ଗତି ପ୍ରଦାନ କରିବା ପାଇଁ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି କ୍ଷେତ୍ର ପାଇଁ କାର୍ଯ୍ୟକ୍ରମ ବଜେଟ୍ ଅଧୀନରେ ମୁଁ **୧ ହଜାର ୧ ଶହ ୮ କୋଟି** ଟଙ୍କାର ପ୍ରସ୍ତାବ ରଖିଛି, ଯାହା ପୂର୍ବ ଆର୍ଥିକ ବର୍ଷର ଆବଣ୍ଟନ ଠାରୁ ଯଥେଷ୍ଟ ଅଧିକ ଅଟେ ।

**111.** ମୁଁ ଖୋର୍ଦ୍ଧା ଜିଲ୍ଲାରେ ୭୭ ଏକର ଜମିରେ ଏକ ଆଇକନିକ୍ ସାଇନ୍ସ ସିଟି ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଉଛି ଯାହା ବିଶ୍ୱ ମାନର ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ଅନୁବାଦ ଉଦ୍ଭାବନର କେନ୍ଦ୍ର ଅଟେ । ସାଇନ୍ସ ସିଟିକୁ ସମସ୍ତ ବୟସ ବର୍ଗଙ୍କ ପରୀକ୍ଷାମୂଳକ ଶିକ୍ଷା ପାଇଁ ଡିଜାଇନ୍ କରାଯିବ, ଯେଉଁଥିରେ ଅନ-ସାଇଟ୍ ଇନୋଭେସନ ଲ୍ୟାବ ପାଇଁ ବିଭାଗ ରହିବ । ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ପ୍ରସ୍ତାବିତ ସାଇନ୍ସ ସିଟି ପାଇଁ ଆମେ ପ୍ରାୟ **୩ ଶହ କୋଟି** ଟଙ୍କା ବିନିଯୋଗ କରିବୁ ଏବଂ ୨୦୨୬-୨୭ ବଜେଟ୍ ଅଟକଳରେ ଏହା ଲାଗି **୧୨ କୋଟି** ଟଙ୍କା ବ୍ୟୟବରାଦର ମୁଁ ପ୍ରସ୍ତାବ ଦେଉଛି ।

**112.** ଗ୍ଲୋବାଲ୍ ଇନୋଭେସନ୍ ଇଣ୍ଡେକ୍ସରେ ଓଡ଼ିଶାର ସ୍ଥିତି ଏବଂ ମାନ୍ୟତାକୁ ପ୍ରୋତ୍ସାହିତ କରିବା ପାଇଁ ମୁଁ "**ଓଡ଼ିଶା ରାଜ୍ୟ ଇନୋଭେସନ୍ ମିଶନ୍**" ଆରମ୍ଭ କରିବାକୁ ପ୍ରସ୍ତାବ ଦେଉଛି । ଏହା ଯୁବକ ଏବଂ ଉଦ୍ୟୋଗୀମାନଙ୍କ ଗୁରୁତ୍ୱପୂର୍ଣ୍ଣ

ବିଶ୍ଳେଷଣ ଏବଂ ଚିନ୍ତନକ୍ଷମତା ବୃଦ୍ଧି କରିବା ଦିଗରେ ଏକ ସୃଜନଶୀଳ ଇକୋସିଷ୍ଟମ ପ୍ରତିଷ୍ଠା କରିବ ଏବଂ ଦ୍ରୁତ ଅଭିବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟି ପାଇଁ ନବସୃଜନକୁ ଏକ ପ୍ରମୁଖ ଆଧାର ଭାବରେ ସ୍ୱୀକାର କରିବ ।

**113.** ପେଟେଣ୍ଟ ସୃଷ୍ଟି, ପ୍ରଯୁକ୍ତି ହସ୍ତାନ୍ତର ଏବଂ ଉଦ୍ୟୋଗୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ବାୟୋଟେକ୍ନୋଲୋଜି କ୍ଷେତ୍ରରେ ଉନ୍ନତ ଗବେଷଣା ଏବଂ ଶିକ୍ଷାୟନର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଆମେ "**ଓଡ଼ିଶା ବାୟୋଟେକ୍ନୋଲୋଜି ଗବେଷଣା କେନ୍ଦ୍ର"** ପ୍ରତିଷ୍ଠା କରିବୁ । ଏହା ରାଜ୍ୟର ଜ୍ଞାନ ଆଧାରିତ ଜୈବ-ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ସହ ଓଡିଶାକୁ ଏକ ପ୍ରତିଯୋଗିତାମୂଳକ ଜୈବ ପ୍ରଯୁକ୍ତିବିଦ୍ୟାର ଲକ୍ଷ୍ୟସ୍ଥଳୀ ଭାବରେ ଗଢିବାରେ ସକ୍ଷମ କରିବ।

**114.** ଯେତେବେଳେ ସରକାରୀ ସଂସ୍ଥାଗୁଡ଼ିକ ସମ୍ବେଦନଶୀଳତାର ସହିତ ଜନସାଧାରଣଙ୍କୁ ଶୁଣିଥାନ୍ତି ଏବଂ ପ୍ରତିକ୍ରିୟା ପ୍ରକାଶ କରନ୍ତି, ସେତେବେଳେ ସରକାରଙ୍କ ଉପରେ ବିଶ୍ୱାସ ସ୍ୱାଭାବିକ ଭାବରେ ବୃଦ୍ଧି ପାଇଥାଏ । ଡିଜିଟାଲ ଏବଂ ସ୍ୱଚ୍ଛ ଶାସନ ବ୍ୟବସ୍ଥା ଓଡ଼ିଶାର ପ୍ରତ୍ୟେକ କୋଣ ଅନୁକୋଣରେ ସୁରକ୍ଷା, ସମ୍ମାନ ଏବଂ ନିରପେକ୍ଷତା ସୁନିଶ୍ଚିତ କରି ପ୍ରତ୍ୟେକ ଘରକୁ ସେବା ଯୋଗାଇବ । ୨୦୨୬-୨୭ ବଜେଟ ଆକଳନରେ ଆମେ ଧ୍ୟାନ ଦେବା ପାଇଁ କିଛି ପ୍ରମୁଖ କ୍ଷେତ୍ର ଚିହ୍ନଟ କରିଛୁ ।

**115.** "**ରାଜ୍ୟ ଏଆଇ ମିଶନ"** ଏଆଇକୁ ଶାସନ ଏବଂ ସେବା ବିତରଣରେ ଏକୀକରଣ କରିବା ଦିଗରେ ବିଭାଗଗୁଡିକୁ ସାହାଯ୍ୟ କରିବ; ଯାହା ରାଜ୍ୟ ଶାସନ ବ୍ୟବସ୍ଥାର ଦକ୍ଷତା, ସଠିକତା ଏବଂ ସଂବେଦନଶୀଳତା ବୃଦ୍ଧି ପାଇଁ ଜରୁରୀ ଅଟେ । ଏଥି ସହିତ, ଏହା ପ୍ରମାଣ ଭିତ୍ତିକ ନୀତି ନିର୍ଦ୍ଧାରଣକୁ ସକ୍ଷମ କରିବ, ସାର୍ବଜନୀନ ସେବାକ୍ଷେତ୍ରରେ ଉନ୍ନତି ଆଣିବ ଏବଂ ନାଗରିକ ମାନଙ୍କ ପାଇଁ ଶେଷ ମାଇଲ୍

ବିତରଣକୁ ମଜବୁତ କରିବ । ଏହି ସମନ୍ୱିତ ପ୍ରୟାସ ଆନୁପାତିକ, ନିରାପଦ ଏବଂ ପୁନଃବ୍ୟବହାରଯୋଗ୍ୟ କ୍ଷମତା ସୃଷ୍ଟି କରିବ ଯାହା ସେବାର ଗୁଣବତ୍ତା, ସ୍ୱଚ୍ଛତା ଏବଂ ନାଗରିକମାନଙ୍କ ଲାଗି ଉଦ୍ଦିଷ୍ଟ ସେବାରେ ଉନ୍ନତି ଆଣିବ ଏବଂ ବିକଶିତ ଓଡ଼ିଶା ୨୦୩୬ର ଭିଜନରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବ । ଏକ ନୂତନ ମିଶନ ଭାବରେ, ମୁଁ ଏଥିପାଇଁ **୨୩ କୋଟି** ଟଙ୍କା ବ୍ୟୟବରାଦ କରିବାକୁ ପ୍ରସ୍ତାବ ଦେଇଛି ।

**116.** ଆମ ସରକାର ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ ୨୫ଟି ବିଭାଗରେ ବିଭିନ୍ନ ସରକାରୀ ସେବାରେ ପ୍ରାୟ ୩୯ ହଜାର ୫ ଶହ ଯୁବକଙ୍କୁ ନିଯୁକ୍ତି ଦିଆଯାଇଛି ଏବଂ ଅନ୍ୟ ୪୩ ହଜାର ପଦ ଲାଗି ନିଯୁକ୍ତି ପ୍ରକ୍ରିୟା ଚାଲୁ ରହିଛି । ଏହା କେବଳ ଆମର ଯୁବକମାନଙ୍କୁ ଗୁଣାତ୍ମକ ନିଯୁକ୍ତି ଯୋଗାଇବ ନାହିଁ ବରଂ ଜନସେବା ବିତରଣରେ ମଧ୍ୟ ସାହାଯ୍ୟ କରିବ ।

**117.** ଲୋକଙ୍କ ଅଭିଯୋଗ ଶୁଣିବା ଆମର ସର୍ବୋଚ୍ଚ କର୍ତ୍ତବ୍ୟ । ପ୍ରାପ୍ତ ୧୫.୫୦ ଲକ୍ଷ ଅଭିଯୋଗ ମଧ୍ୟରୁ ୯୧ ପ୍ରତିଶତରୁ ଅଧିକ ଅଭିଯୋଗର ସମାଧାନ ହୋଇ ସାରିଛି ।

**118.** ପ୍ରଶାସନକୁ କାଗଜମୁକ୍ତ, ଉତ୍ତରଦାୟୀ ଓ ସ୍ୱଚ୍ଛ କରିବା ପାଇଁ ଓଡ଼ିଶା ଷ୍ଟେଟ OSWAS କୁ ବ୍ଲକ୍ ଓ ତହସିଲ ସ୍ତର ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯିବ।

**119.** PMGSY ପରି ଜାତୀୟ ଯୋଜନାର କଠୋର ମାନକ ସହିତ ମେଳ ଖାଇବା ପାଇଁ, ରାଜ୍ୟ ଅନୁଦାନ ପ୍ରାପ୍ତ ଯୋଜନା ଅଧୀନରେ ବିକଶିତ ହେଉଥିବା ସମ୍ପତ୍ତି ପାଇଁ ଏକ ଆନୁଷ୍ଠାନିକ ରାଜ୍ୟ ଗୁଣବତ୍ତା ମନିଟର ବ୍ୟବସ୍ଥା ଆରମ୍ଭ କରାଯିବ । ଏହା ଉଭୟ ନିର୍ମାଣ ପର୍ଯ୍ୟାୟ ଏବଂ ନିର୍ମାଣ ପରବର୍ତ୍ତୀ ତ୍ରୁଟି ଦାୟିତ୍ୱ ଅବଧିରେ ସ୍ୱାଧୀନ ଭାବରେ ନିରପେକ୍ଷ ତଦାରଖ କରିବ, ଯାହା ନିର୍ମାଣ ପରେ ତ୍ରୁଟି ଚିହ୍ନଟ ପରିବର୍ତ୍ତେ ତ୍ରୁଟି ନିରାକରଣ ମାଧ୍ୟମରେ ଗୁଣବତ୍ତା ସୁନିଶ୍ଚିତ କରିବ ।

**120.** ପୁରୁଣା ସେତୁଗୁଡ଼ିକର ପୁନରୁଦ୍ଧାର ଏବଂ ରକ୍ଷଣାବେକ୍ଷଣ ପାଇଁ ଆମେ ସେତୁଗୁଡ଼ିକର ବ୍ୟବସ୍ଥିତ ଯାଞ୍ଚ ଏବଂ ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଦେଇଛୁ । ଏଥିରେ ନିକଟରେ ନିର୍ମିତ ପ୍ରମୁଖ ସେତୁଗୁଡ଼ିକର ସଂରକ୍ଷଣ ଏବଂ ଯୁକ୍ତିଯୁକ୍ତ ପରିଚାଳନା ସହିତ ପୁରୁଣା ସେତୁଗୁଡ଼ିକର ପୁନରୁଦ୍ଧାର ଏବଂ ଦୃଢ଼ତା ଅନ୍ତର୍ଭୁକ୍ତ ଅଟେ ।

**121.** ଆମ ସରକାର ସାର୍ବଜନୀନ ସୁରକ୍ଷା, ନ୍ୟାୟ ପ୍ରଦାନ ବ୍ୟବସ୍ଥା ଓ ସୁଶାସନକୁ ଶକ୍ତିଶାଳୀ କରିବା ପାଇଁ ପ୍ରଯୁକ୍ତି ବିଦ୍ୟା-ଆଧାରିତ ଏବଂ ନାଗରିକ-କେନ୍ଦ୍ରିକ ସୁଧାରକୁ ପ୍ରାଥମିକତା ଦେଇଆସୁଛନ୍ତି । ସୁଭଦ୍ରା **ସୁରକ୍ଷା ଯୋଜନା** ଅଧୀନରେ ମୁଁ ୧୧୭ କୋଟି ଟଙ୍କାର ପ୍ରସ୍ତାବ ଦେଉଛି । ଜରୁରୀକାଳୀନ ପ୍ରତିକ୍ରିୟାକୁ ଆହୁରି ସୁଦୃଢ଼ କରିବା ଏବଂ ପୁଲିସ, ଅଗ୍ନିଶମ ଏବଂ ଚିକିତ୍ସା ସେବାର ଦ୍ରୁତ ଉପଲବ୍ଧତା ସୁନିଶ୍ଚିତ କରିବା ଲାଗି ମୁଁ ଜରୁରୀକାଳୀନ ପ୍ରତିକ୍ରିୟା ସହାୟତା ବ୍ୟବସ୍ଥା (ERSS -ଡାଏଲ ୧୧୨) ପାଇଁ ୬୧ କୋଟି ଟଙ୍କାର ପ୍ରସ୍ତାବ ଦେଉଛି ।

**122.** ତଦନ୍ତର ଗୁଣବତ୍ତା ବୃଦ୍ଧି, ନ୍ୟାୟ ପ୍ରଦାନର ଗତି ବଢ଼ାଇବା ଓ ଅପରାଧିକ ନ୍ୟାୟ ବ୍ୟବସ୍ଥା ପ୍ରତି ଜନସାଧାରଣଙ୍କ ଆସ୍ଥା ସୁଦୃଢ କରିବା ପାଇଁ ମୁଁ ସମୟୋପଯୁକ୍ତ ଓ ଉଚ୍ଚ-ଗୁଣସ୍ତରୀୟ ଫରେନ୍ସିକ ପରୀକ୍ଷା ପାଇଁ ଫରେନ୍ସିକ ବିଜ୍ଞାନ ଲାବରେଟରୀଗୁଡ଼ିକୁ ସୁଦୃଢ କରିବାପାଇଁ ୩୦ କୋଟି ଟଙ୍କାର ପ୍ରସ୍ତାବ ଦେଉଛି । ସେହିପରି, ପୁଲିସ୍ ଥାନାଗୁଡ଼ିକ ଓ ଅପରାଧିକ ରେକର୍ଡଗୁଡ଼ିକର ନିରବିଚ୍ଛିନ୍ନ ଡିଜିଟାଲ୍ ସମନ୍ୱୟ ସୁନିଶ୍ଚିତ କରିବା ପାଇଁ **କ୍ରାଇମ ଆଣ୍ଡ କ୍ରାଇମବ୍ରାଞ୍ଚ ଟ୍ରାକିଂ ନେଟୱାର୍କ ଆଣ୍ଡ ସିଷ୍ଟମ** ପାଇଁ ୩୩ କୋଟି ଟଙ୍କାର ପ୍ରସ୍ତାବ ଦେଉଛି । ଉଦୀୟମାନ ଡିଜିଟାଲ ବିପଦ ଏବଂ ସାଇବର ଅପରାଧର ମୁକାବିଲା ପାଇଁ **ସାଇବର ସୁରକ୍ଷା ଉତ୍କର୍ଷ କେନ୍ଦ୍ରର** ସ୍ଥାପନା ପାଇଁ ମୁଁ ୮୯ କୋଟି ଟଙ୍କାର ପ୍ରସ୍ତାବ ଦେଉଛି । ଏହି କେନ୍ଦ୍ର, ସାଇବର ନିରୀକ୍ଷଣ, ଡିଜିଟାଲ୍ ଫରେନ୍ସିକ, କ୍ଷମତା ବୃଦ୍ଧି ଓ ଆଧୁନିକ ପ୍ରତିକ୍ରିୟା ସାମର୍ଥ୍ୟକୁ

ସୁଦୃଢ଼ କରିବ ଏବଂ ପ୍ରଯୁକ୍ତି ଆଧାରିତ ଅପରାଧର ସମ୍ମୁଖୀନ ହେବାରେ ରାଜ୍ୟର ପ୍ରସ୍ତୁତିକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବା ସହିତ ସୁରକ୍ଷିତ ଡିଜିଟାଲ୍ ଶାସନକୁ ସୁନିଶ୍ଚିତ କରିବ ।

**123.** ରାଜ୍ୟର ଆନୁଷ୍ଠାନିକ ଉପସ୍ଥିତିକୁ ସୁଦୃଢ଼ କରିବା ଏବଂ ପ୍ରଶାସନିକ ସମନ୍ୱୟ ଏବଂ ଦକ୍ଷତା ବିକାଶରେ ସୁଧାର ଆଣିବା ଲାଗି ମୁଁ **ନୂଆଦିଲ୍ଲୀରେ ଭବନ, ସଦନ ଏବଂ ନିବାସ** ନିର୍ମାଣ ପାଇଁ ୪୫ କୋଟି ଟଙ୍କାର ଏବଂ ଦେଶର **ବିଭିନ୍ନ ସହରରେ ଭବନ ନିର୍ମାଣ** ପାଇଁ ୬୮ କୋଟି ଟଙ୍କାର  ପ୍ରସ୍ତାବ ଦେଉଛି । ପୁନଶ୍ଚ ଦକ୍ଷିଣ ଭାରତରେ ଓଡ଼ିଶାର ଆନୁଷ୍ଠାନିକ ଓ ପ୍ରଶାସନିକ ପ୍ରସାରକୁ ସୁଦୃଢ଼ କରିବା ପାଇଁ **ବେଙ୍ଗାଲୁରୁରେ ଓଡ଼ିଶା ଭବନ** ନିର୍ମାଣ ପାଇଁ ୧୩ କୋଟି ଟଙ୍କାର  ପ୍ରସ୍ତାବ ଦେଉଛି। ଏହା ବ୍ୟତୀତ ନ୍ୟାୟପାଳିକା, ପୁଲିସ, ଅଗ୍ନିଶମ ଓ କାରାଗାରର ଆବାସିକ ଓ ଅଣଆବାସିକ କୋଠା ପାଇଁ ୧ ହଜାର ୩ ଶହ ୬୯ କୋଟି ଟଙ୍କାର ବ୍ୟବସ୍ଥା ରହିଛି ।

**124.** ୨୦୨୫ ସ୍ୱାଧୀନତା ଦିବସ ଅବସରରେ ଆମ ସରକାର କର୍ତ୍ତବ୍ୟ ନିର୍ବାହ ସମୟରେ ପ୍ରାଣବଳି ଦେଇଥିବା ପୁଲିସ କର୍ମଚାରୀଙ୍କ ସ୍ମୃତିରେ ନୂଆଦିଲ୍ଲୀସ୍ଥିତ ଜାତୀୟ ପୁଲିସ୍ ସ୍ମାରକୀର ଆଦର୍ଶରେ ଭୁବନେଶ୍ୱରରେ ଏକ ପୁଲିସ୍ ସ୍ମାରକୀ ସ୍ଥାପନା କରିବାକୁ ଘୋଷଣା କରିଥିଲେ । ଏହି ସ୍ମାରକୀ ଭୁବନେଶ୍ବରର 7th ବାଟାଲିଅନ୍ OSAP ପରିସରରେ ନିର୍ମାଣ କରାଯିବ | ଏହା ଓଡ଼ିଶାର ସହିଦ ପୁଲିସ୍ କର୍ମଚାରୀଙ୍କ ସ୍ମୃତିକୁ ଅମର କରିବ, ପୁଲିସ ସ୍ମୃତି ଦିବସ ପାଇଁ ଏକ ଆନୁଷ୍ଠାନିକ ସ୍ଥାନ ଯୋଗାଇବ, ଓଡ଼ିଶାର ପୁଲିସ ଇତିହାସ ଉପରେ ଏକ ଐତିହ୍ୟ ଓ ଜ୍ଞାନ କେନ୍ଦ୍ର ଭାବେ ବିକଶିତ ହେବ ଏବଂ ଜନସାଧାରଣ-ପୁଲିସ ବିଶ୍ୱାସ ଓ ଭାବପ୍ରବଣତାକୁ ପ୍ରୋତ୍ସାହିତ କରିବ। ଏଥିପାଇଁ ମୁଁ  ୧୦ କୋଟି ଟଙ୍କାର ବ୍ୟୟ କରିବାକୁ ପ୍ରସ୍ତାବ ଦେଉଛି  । ଏହା ବଳିଦାନ, ସେବା ଓ ରାଜ୍ୟର କୃତଜ୍ଞତାର ଏକ ପ୍ରତୀକ ଭାବେ ଦଣ୍ଡାୟମାନ ହେବ ଏବଂ ଆମ

ସୁରକ୍ଷାଦାତାଙ୍କୁ ସମ୍ମାନ ଜଣାଇବା ପ୍ରତି ଆମର ଦୃଢ଼ ପ୍ରତିବଦ୍ଧତାକୁ ପ୍ରକାଶ କରିବ। ଏହା ପ୍ରତିଷ୍ଠାନଗତ ସ୍ମୃତିକୁ ସଂରକ୍ଷିତ କରି ଭବିଷ୍ୟତ ପିଢ଼ିକୁ ପୁଲିସ ସେବା ଏବଂ ଜାତୀୟ କର୍ତ୍ତବ୍ୟ ପ୍ରତି ପ୍ରେରଣା ଦେବା ପାଇଁ ଆମର ପ୍ରତିବଦ୍ଧତାର ପ୍ରତୀକ ହେବ ।

**125.** ମାନ୍ୟବର କେନ୍ଦ୍ର ଗୃହ ମନ୍ତ୍ରୀ ମାର୍ଚ୍ଚ ୩୧, ୨୦୨୬ ସୁଦ୍ଧା ଭାରତରେ ବାମପନ୍ଥୀ ଉଗ୍ରବାଦ ସମସ୍ୟାକୁ ସମାପ୍ତ କରିବା ପାଇଁ ଏକ ଦୃଢ ଜାତୀୟ ଲକ୍ଷ୍ୟ ସ୍ଥିର କରିଛନ୍ତି । ଆମେ ଏହାକୁ ଉଭୟ କଠୋର ଓ ନରମ ପଦକ୍ଷେପ ମାଧ୍ୟମରେ ସମ୍ମୁଖୀନ ହେଉଛୁ । ଗୋଟିଏ ପଟେ ଆମେ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ ସହାୟତାରେ ଅପରେସନକୁ ଜୋରଦାର କରୁଛୁ ଏବଂ ଅନ୍ୟପଟେ ଅସ୍ତ୍ରଶସ୍ତ୍ର ତ୍ୟାଗ କରୁଥିବା ନକ୍ସଲ କ୍ୟାଡରମାନଙ୍କୁ ପ୍ରୋତ୍ସାହନ ଦେଉଛୁ, ଯାହା ବ୍ୟାପକ ଆତ୍ମସମର୍ପଣ ଏବଂ ଥଇଥାନ ନୀତି ଅଧୀନରେ ଉଗ୍ରବାଦୀଙ୍କ ସଂଖ୍ୟା କମେଇବାରେ ସହାୟତା କରୁଛି । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏହି ଲକ୍ଷ୍ୟ ସାଧନ କରିବାକୁ ଆମେ ଆଶାବାଦୀ ।

**126.** ଓଡ଼ିଶାର ଭୌଗୋଳିକ ସ୍ଥିତି ଏହାକୁ ପ୍ରାକୃତିକ ବିପର୍ଯ୍ୟୟର ପ୍ରମୁଖ ପ୍ରଭାବକ୍ଷେତ୍ରରେ ଥିବା ରାଜ୍ୟ ଭାବେ ପରିଣତ କରିଛି ଯେପରିକି ଆମ ଉପକୂଳରେ ପ୍ରଳୟଙ୍କରୀ ବାତ୍ୟାଠାରୁ ଆରମ୍ଭ କରି ମଧ୍ୟ ଓ ପଶ୍ଚିମ ପାହାଡ଼ିଆ ଅଞ୍ଚଳରେ ଭୟଙ୍କର ମରୁଡ଼ି ଓ ଭୂସ୍ଖଳନ ପର୍ଯ୍ୟନ୍ତ । ବାରମ୍ବାର ଆସୁଥିବା ଏହି ବିପଦ ବିରୋଧରେ ଆମ ରାଜ୍ୟର ପ୍ରତିରୋଧ କ୍ଷମତାକୁ ଆହୁରି ସୁଦୃଢ କରିବା ପାଇଁ ମୁଁ ବିପର୍ଯ୍ୟୟ ବିପତ୍ତି ପରିଚାଳନା ପାଣ୍ଠି ପାଇଁ **୫ ହଜାର ୩ ଶହ ୭୫ କୋଟି** ଟଙ୍କା ଆବଣ୍ଟନ କରୁଛି । ଏଥିମଧ୍ୟରେ ରାଜ୍ୟ ବିପର୍ଯ୍ୟୟ ବିପତ୍ତି ପରିଚାଳନା ପାଣ୍ଠି ବାବଦରେ **୨ ହଜାର ୧ ଶହ ୪୭ କୋଟି ଟଙ୍କା** ଏବଂ ଜାତୀୟ ବିପର୍ଯ୍ୟୟ ବିପତ୍ତି ପରିଚାଳନା ପାଣ୍ଠି ବାବଦରେ **୩ ହଜାର ୨ ଶହ ୨୮ କୋଟି** ଟଙ୍କା ସାମିଲ ରହିଛି ।

**127.** ବୃତ୍ତି ଉପରେ ଟିକସ ଆୟ ଉପରେ ଏକ ଟିକସ ଏବଂ ଯେତେବେଳେ ଆୟ କର ପୃଥକ ଭାବେ ଆଦାୟ କରାଯାଉଛି, ସେଥିରୁ ଦୁଇଥର କରଭାରର ପରିସ୍ଥିତି ସୃଷ୍ଟି ହେଉଛି ବୋଲି ବୃତ୍ତି ଟିକସ ପ୍ରତ୍ୟାହାର କରିବାକୁ ବିଭିନ୍ନ ସଂଗଠନ ବିଗତ ବର୍ଷରୁ ଦାବି କରିଆସୁଥିଲେ । ପ୍ରାକ୍ ବଜେଟ୍ ପରାମର୍ଶ ବୈଠକରେ ମଧ୍ୟ ଏହା ଦାବି କରାଯାଇଥିଲା। ଉପରୋକ୍ତ ଯଥାର୍ଥତାକୁ ବିଚାରକୁ ନେଇ ମୁଁ ୨୦୨୬ ଏପ୍ରିଲ ପହିଲାଠାରୁ ପେଶା ବା ବୃତ୍ତି ଉପରେ ଟିକସ (Professional Tax) ପ୍ରତ୍ୟାହାର କରିବାକୁ ପ୍ରସ୍ତାବ ଦେଉଛି । ଏହା ଫଳରେ ରାଜ୍ୟ ବାର୍ଷିକ ପ୍ରାୟ ୩୨୦ କୋଟି ଟଙ୍କାର ରାଜସ୍ୱ ହରାଇବ ।

**128.** ବର୍ତ୍ତମାନ ମୁଁ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍ ଆକଳନର ପ୍ରସ୍ତାବ ଦେଉଛି । ଆର୍ଥିକ ବର୍ଷ ୨୦୨୬-୨୭ ବଜେଟ୍ ଆକଳନରେ କାର୍ଯ୍ୟକ୍ରମ ବଜେଟର ପରିମାଣକୁ ୧ ଲକ୍ଷ ୮୦ ହଜାର କୋଟି ଟଙ୍କାକୁ ବୃଦ୍ଧି କରିବାକୁ ମୁଁ ପ୍ରସ୍ତାବ ଦେଉଛି, ଯାହା ମୋଟ ବଜେଟ୍ ଆକଳନର ପ୍ରାୟ ୫୮ ପ୍ରତିଶତ ଅଟେ । ଚଳିତ ବଜେଟରେ ୭୨ ହଜାର ୧ ଶହ କୋଟି ଟଙ୍କାର ପୁଞ୍ଜି ବ୍ୟୟବରାଦ ଆକଳନ ସମଗ୍ର ରାଜ୍ୟ ଘରୋଇ ଉତ୍ପାଦ (GSDP)ର ୬.୫ ପ୍ରତିଶତ ଏବଂ ରାଜ୍ୟ ବଜେଟ ଆକଳନର ୨୩.୩ ପ୍ରତିଶତ ଅଟେ, ଯାହା ଦେଶର ସମସ୍ତ ପ୍ରମୁଖ ରାଜ୍ୟ ମଧ୍ୟରେ ସର୍ବାଧିକ ।

**129.** ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ପ୍ରଶାସନିକ ବ୍ୟୟ ବବାଦକୁ ୧ ଲକ୍ଷ ୧୪ ହଜାର କୋଟି ଟଙ୍କାର ପ୍ରସ୍ତାବ ରହିଛି । ବିପର୍ଯ୍ୟୟ ବିପତ୍ତି ପରିଚାଳନା ପାଣ୍ଠି ପାଇଁ ୫ ହଜାର ୩ ଶହ ୭୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ରାଜ୍ୟରୁ ହସ୍ତାନ୍ତର ପାଇଁ ୧୦ ହଜାର ୬ ଶହ ୨୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଷୋଡଶ କେନ୍ଦ୍ର ଅର୍ଥ ଆୟୋଗଙ୍କ ସୁପାରିସ କ୍ରମେ ୩ ହଜାର ୫୬ କୋଟି ଟଙ୍କା ଏବଂ ଷଷ୍ଠ ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିସ କ୍ରମେ ପ୍ରାୟ ୭ ହଜାର ୪ ଶହ ୫୦ କୋଟି ଟଙ୍କା

ରାଜ୍ୟର ଗ୍ରାମୀଣ ଓ ସହରାଞ୍ଚଳ ସ୍ଥାନୀୟ ନିକାୟ ସଂସ୍ଥାଙ୍କୁ ହସ୍ତାନ୍ତର କରିବାକୁ ଆମେ ପ୍ରସ୍ତାବ ଦେଉଛୁ ।

**130.** ଆମେ ସମଗ୍ର ରାଜ୍ୟ ଘରୋଇ ଉତ୍ପାଦ (GSDP)ର ପ୍ରାୟ ୩ ପ୍ରତିଶତ ରାଜସ୍ୱ ବଳକା ସୃଷ୍ଟି କରିବାକୁ ସମର୍ଥ ହେବୁ ଏବଂ ବିତ୍ତୀୟ ନିଅଣ୍ଟ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ସମଗ୍ର ରାଜ୍ୟ ଘରୋଇ ଉତ୍ପାଦ (GSDP)ର ୩.୫ ପ୍ରତିଶତ ମଧ୍ୟରେ ସୀମିତ ରହିବ । ତେଣୁ ୨୦୨୬-୨୭ ବାର୍ଷିକ ବଜେଟ୍ ସମ୍ପୂର୍ଣ୍ଣ ଭାବେ FRBM ଅଧିନିୟମ ଅନୁପାଳନ କରିବ ।

**131.** ଓଡ଼ିଶାର ପ୍ରଗତି ପ୍ରତି ଆମର ସମର୍ପଣର ପ୍ରତୀକ ହେଉଛି ଆମର ବଜେଟ୍ । ଅମୃତ କାଳରେ ବିକଶିତ ଭାରତ ଦିଗରେ ଅଗ୍ରସର ଜାତୀୟ ଯାତ୍ରାରେ ଓଡ଼ିଶା ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ ଅଛି । ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭କୁ ବାସ୍ତବ ରୂପ ଦେବା ପାଇଁ ଆମର ବିକାଶ ରଣନୀତିର ଛଅଟି ସ୍ତମ୍ଭକୁ କାର୍ଯ୍ୟକାରୀ କରିବା ନିମନ୍ତେ ଆମକୁ ଜନସାଧାରଣଙ୍କ ଶକ୍ତି ଏବଂ ସହଯୋଗ ଆବଶ୍ୟକ । ମିଳିତ ଭାବରେ, ଆସନ୍ତୁ ଆମ ରାଜ୍ୟ ପାଇଁ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ।

**132.** ମୁଁ ଭକ୍ତ କବି ଶ୍ରୀ ମଧୁସୂଦନ ରାଓଙ୍କ ରଚିତ "ଉତ୍କଳ ଗାଥା"ରୁ ଏହି କାଳଜୟୀ ପଂକ୍ତିକୁ ଉଦ୍ଧାର କରୁଛି ।

"ଉଠ ହେ ଉତ୍କଳବାସୀ,
ଦୂରେ ଫିଙ୍ଗି ଦୁଃଖରାଶି,
ଛେଦି ଜଡତାର ନାଗପାଶ,
ସକଳ ଦୁରିତଜିଣା
ବିଶ୍ୱରାଣୀ ବାଣୀବୀଣା
ବାଜେ ପୂରି ଉତ୍କଳ ଆକାଶ ହେ ନରନାରୀ "

ମୁଁ ୨୦୨୬-୨୭ ଆର୍ଥିକ ବର୍ଷ ନିମନ୍ତେ ପ୍ରସ୍ତୁତ ବାର୍ଷିକ ବଜେଟ୍ ଆକଳନକୁ ଏହି ପବିତ୍ର ଗୃହର ଅନୁମୋଦନ ପାଇଁ ଉପସ୍ଥାପନ କରୁଛି ।

**// ବନ୍ଦେ ଉତ୍କଳ ଜନନୀ //**

**// ଜୟ ହିନ୍ଦ //**